ଦିବ୍ୟ ମନ୍ଦିରର ଭବ୍ୟ ରୂପାନ୍ତରଣ

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

29 YEARS

ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper

NS-EN ISO 9001:2008

ଆଠ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹2.00

● ବର୍ଷ–୩୦ ● ସଂଖ୍ୟା–୩୫୬ ● ୨୫ ଜାନୁଆରୀ ୨୦୨୪, ଗୁରୁବାର ● ଭୁବନେଶ୍ୱର ● Vol -30 ● Issue-356 ● 25th January 2024, Thursday ● Bhubaneswar | Licensed to post without pre-payment of postage No- BN-60/22-24

ଓଡ଼ିଆ ବିଶ୍ୱବିଦ୍ୟାଳୟର ନୂଆ କ୍ୟାମ୍ପସ ଲୋକାର୍ପିତ

ଭୁବନେଶ୍ୱର, ୨୪।୧
ନ୍ୟୁଜ୍ ବ୍ୟୁରୋ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ସତ୍ୟବାଦୀ ଠାରେ ଓଡ଼ିଆ ବିଶ୍ୱବିଦ୍ୟାଳୟର ନୂଆ କ୍ୟାମ୍ପସ ଲୋକାର୍ପିତ କରିଛନ୍ତି ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବର୍ତ୍ତମାନ ସମୟ ହେଉଛି ଓଡ଼ିଆ ଜାତି ପାଇଁ ଏକ ଗୌରବମୟ ସମୟ ।

ସେ କହିଲେ ଯେ ନିକଟରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପରିକ୍ରମା ପ୍ରକଳ୍ପ ଉଦ୍‌ଘାଟିତ ହୋଇଛି । ବୁଧବାର ଓଡ଼ିଆ ବିଶ୍ୱ ବିଦ୍ୟାଳୟର କ୍ୟାମ୍ପସ ଉଦ୍‌ଘାଟିତ ହେଲା । ଜାନୁଆରୀ ୨୭ ତାରିଖରେ ସମଲେଇ ପ୍ରକଳ୍ପ ଲୋକାର୍ପିତ ହେବାକୁ ଯାଉଛି ଏବଂ ଫେବୃଆରୀ ୩ ତାରିଖରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ହେବ । ତେଣୁ ନିଶ୍ଚିତ ଭାବେ ଏହା ଆମ ସମସ୍ତଙ୍କ ପାଇଁ, ସମଗ୍ର ଓଡ଼ିଆ ଜାତି ପାଇଁ *(ପୃଷ୍ଠା ୭ରେ)*

ଆଜିର ପିଲାମାନେ ହେବେ ନୂଆ ଓଡ଼ିଶା, ସଶକ୍ତ ଓଡ଼ିଶାର ସୂତ୍ରଧର: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୪।୧
ନ୍ୟୁଜ୍ ବ୍ୟୁରୋ

୫-ଟି ସ୍କୁଲ ରୂପାନ୍ତରଣ ଅଭିଯାନର ଚତୁର୍ଥ ପର୍ଯ୍ୟାୟର ଚତୁର୍ଥ ଦିନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଖୋର୍ଦ୍ଧା, ସୁବର୍ଣ୍ଣପୁର, ପୁରୀ, ନୟାଗଡ଼, ବୌଦ୍ଧ ଓ ନବରଙ୍ଗପୁର ଆଦି ୬ଟି ଜିଲ୍ଲାର ୨୮୬ଟି ରୂପାନ୍ତରିତ ସ୍କୁଲକୁ ଲୋକାର୍ପିତ କରିଛନ୍ତି । ଏଥିରେ ଖୋର୍ଦ୍ଧା ଜିଲ୍ଲାର ୮୦ଟି ହାଇସ୍କୁଲ, ସୁବର୍ଣ୍ଣପୁରର ୧୪ଟି, ପୁରୀର ୫୩ଟି, ନୟାଗଡ଼ର ୭୫ଟି, ବୌଦ୍ଧର ୧୦ଟି ଓ ନବରଙ୍ଗପୁରର ୫୪ଟି ହାଇସ୍କୁଲ ଅନ୍ତର୍ଭୁକ୍ତ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଅବସରରେ ସଂପୃକ୍ତ ଜିଲ୍ଲାର ବିଧାୟକ, ପଞ୍ଚାୟତ ପ୍ରତିନିଧି, ସ୍କୁଲ ପରିଚାଳନା କମିଟି, ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକ ମାନଙ୍କୁ ଏହି

କାର୍ଯ୍ୟକ୍ରମରେ ସହଯୋଗ ପାଇଁ ଧନ୍ୟବାଦ ଦେଇଥିଲେ । ଏହି ଅବସରରେ ଛାତ୍ରଛାତ୍ରୀ ମାନଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ ରୂପାନ୍ତରିତ ସ୍କୁଲରେ ପିଲାଙ୍କ ସଫଳ ଭବିଷ୍ୟତ ପାଇଁ ସବୁ ସୁଯୋଗ ରହିଛି । ଆଜିର ପିଲାମାନେ ଆଗାମୀ ଦିନରେ ନୂଆ ଓଡ଼ିଶା, ସଶକ୍ତ ଓଡ଼ିଶାର ସାରଥୀ ହେବେ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ ଆଶା ଓ ବିଶ୍ୱାସ ପ୍ରକଟ କରିଥିଲେ ।

ସୂଚନାଯୋଗ୍ୟ ଯେ ପୂର୍ବରୁ ତିନୋଟି ପର୍ଯ୍ୟାୟରେ ରାଜ୍ୟରେ ୬୮୮୩ଟି ସ୍କୁଲ ରୂପାନ୍ତରିତ ହୋଇଛି । ଚତୁର୍ଥ ପର୍ଯ୍ୟାୟରେ ସମୁଦାୟ ୧୭୯୪ଟି ରୂପାନ୍ତରିତ ହାଇସ୍କୁଲ ଲୋକାର୍ପିତ ହେବ । *(ପୃଷ୍ଠା ୭ରେ)*

ଘାଟିରୁ ଖସିଲା ଯାତ୍ରାପାର୍ଟି ଗାଡ଼ି: ଚାଲିଗଲା ୬ ଜୀବନ

ଭୁବନେଶ୍ୱର, ୨୪।୧
ନ୍ୟୁଜ୍ ବ୍ୟୁରୋ

ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ବ୍ଲକର ଦ୍ୱାରଶୁଣୀ ଘାଟି ପାଲଟିଛି ମରଣଯନ୍ତା । ବାଙ୍ଗିରିପୋଷି ଦ୍ୱାରଶୁଣୀ ଘାଟିରେ ୩ ରାତି ଯାତ୍ରା ପରିବେଷଣ କରି ଧଉଳି ଗଣନାଟ୍ୟର ଟ୍ରକ ବାରିପଦା ଅଭିମୁଖେ ଯାଉଥିଲା ବେଳେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ଏଥିରେ ୬ ଜଣ ପ୍ରାଣ ହରାଇଥିବା ବେଳେ ୬ ଜଣ ଗୁରୁତର ହୋଇଛନ୍ତି ।

ଏହି ଗାଡ଼ିରେ ମୁଖ୍ୟତଃ ଲାଇଟ ଓ ସାଉଣ୍ଡ ସରଞ୍ଜାମ ଯାଉଥିଲା । ଟ୍ରକରେ ୧୩-୧୫ ଜଣ ଲୋକ ଥିଲେ । ସେମାନଙ୍କ ମଧ୍ୟରୁ ଅଧିକାଂଶ ଥିଲେ ଶ୍ରମିକ ଶ୍ରେଣୀର । ଅନ୍ୟମାନେ ଲାଇଟ *(ପୃଷ୍ଠା ୭ରେ)*

ମୁଖ୍ୟମନ୍ତ୍ରୀଙ୍କ ଶୋକ ଓ ସହାୟତା

ଭୁବନେଶ୍ୱର, ୨୪।୧ : ନ୍ୟୁଜ୍ ବ୍ୟୁରୋ

ମୟୂରଭଞ୍ଜର ଦ୍ୱାରଶୁଣୀ ଘାଟିରେ ଏକ ସଡକ ଦୁର୍ଘଟଣାରେ ୬ ଜଣ ବ୍ୟକ୍ତି ପ୍ରାଣ ହରାଇବା ଘଟଣାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଦୁଃଖ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗକୁ ଗଭୀର ସମବେଦନା *(ପୃଷ୍ଠା ୭ରେ)*

ଇଣ୍ଡିଆ ମେଣ୍ଟକୁ ବଡ ଝଟକା, ଏକୁଟିଆ ନିର୍ବାଚନ ଲଢିବାକୁ ଘୋଷଣା କଲେ ମମତା ବାନାର୍ଜୀ

କୋଲକାତା, ୨୪।୧

ଇଣ୍ଡିଆ ମେଣ୍ଟକୁ ଲାଗିଲା ବଡ ଝଟକା । କାରଣ ଆଗାମୀ ଲୋକସଭା ନିର୍ବାଚନ ଏକାକୀ ଲଢିବାକୁ ଘୋଷଣା କଲେ ଟିଏମସି ମୁଖ୍ୟ ମମତା ବାନାର୍ଜୀ । ଆସନ ବଣ୍ଟନ ପ୍ରକ୍ରିୟାରେ ନିୟୋଜିତ ଥିବା ଭାରତ ମେଣ୍ଟର କାର୍ଯ୍ୟକୁ ସେ ନାପସନ୍ଦ କରିଛନ୍ତି । ଏକାକୀ ଲୋକସଭା ନିର୍ବାଚନ ଲଢ଼ିବାକୁ ଘୋଷଣା କରିବା ସହ ମେଣ୍ଟ ବିରୋଧରେ ଜାହିର କରିଛନ୍ତି ନିଜର କ୍ଷୋଭ ।

କଂଗ୍ରେସକୁ ଟାର୍ଗେଟ କରି ମମତା କହିଛନ୍ତି ଯେ, ଟିଏମସି ଯାହା ପ୍ରସ୍ତାବ ଦେଲା ତାକୁ ଆଦୌ ବିଚାର କରାଗଲା ନାହିଁ । ଏହାବ୍ୟତୀତ ରାହୁଲ ଗାନ୍ଧୀଙ୍କ ନାଁ ନନେଇ ପରୋକ୍ଷରେ କହିଛନ୍ତି ଯେ, ପଶ୍ଚିମବଙ୍ଗରେ ନ୍ୟାୟ ଯାତ୍ରା ହେବାକୁ ଥିବାବେଳେ ତାଙ୍କ *(ପୃଷ୍ଠା ୭ରେ)*

TATA MOTORS

Light Commercial Vehicles Dealers

24 hours help line :

Sales : 7873770000

ସଞ୍ଜୀବ ପଣ୍ଡା ହେଲେ ଭୁବନେଶ୍ୱର-କଟକ ଟ୍ୱିନ୍ ସିଟି ପୁଲିସ କମିଶନର

ଭୁବନେଶ୍ୱର, ୨୪।୧
ନ୍ୟୁଜ୍ ବ୍ୟୁରୋ

ବରିଷ୍ଠ ଆଇପିଏସ୍ ସ୍ତରରେ ରାଜ୍ୟ ସରକାର ଏକ ବଡ଼ଧରଣର ଅଦଳବଦଳ କରିଛନ୍ତି । ବୁଧବାର ଏନେଇ ଗୃହ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି । ଗୁଇନ୍ଦା ବିଭାଗର ନିର୍ଦ୍ଦେଶକ ତଥା ଓପିଏଚ୍‌ଡବ୍ଲ୍ୟୁସିର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଥିବା ୧୯୯୪ ବ୍ୟାଚର ଆଇପିଏସ ଅଫିସର ସଞ୍ଜୀବ ପଣ୍ଡାଙ୍କୁ ରାଜ୍ୟ ସରକାର ଭୁବନେଶ୍ୱର-କଟକ ଟ୍ୱିନ ସିଟି

ପୋଲିସ୍ କମିଶନର ଭାବେ ନିଯୁକ୍ତି ଦେଇଛନ୍ତି । ଏଠାରେ କାର୍ଯ୍ୟରତ ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କୁ ଗୁଇନ୍ଦା ନିର୍ଦ୍ଦେଶକ ଭାବେ ଅବସ୍ଥାପିତ କରିଛନ୍ତି । ସେହିପରି ଗୃହ ବିଭାଗର ସ୍ୱତନ୍ତ୍ର ସଚିବ ଡ. ସନ୍ତୋଷବାଲାଙ୍କୁ ଓପିଏଚଡବ୍ଲ୍ୟୁସିର ଅତିରିକ୍ତ ଦାୟିତ୍ୱ ମିଳିଥିବା ବେଳେ ଉତ୍ତରାଞ୍ଚଳ ଆଇଜି ଦୀପକ କୁମାରଙ୍କୁ ଏନସିଆର ତାଳଚେରକୁ ବଦଳି କରାଯାଇଛି । ତାଙ୍କୁ ଅନୁଗୁଳ ପିଟିସିର ଅଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ମିଳିଛି । ଦକ୍ଷିଣାଞ୍ଚଳ ଆଇଜି ସତ୍ୟବ୍ରତ ଭୋଇଙ୍କୁ ପୂର୍ବାଞ୍ଚଳ (ବାଲେଶ୍ୱର) ଆଇଜି ଭାବେ ବଦଳି ହୋଇଥିବା *(ପୃଷ୍ଠା ୭ରେ)*

ଗୋପାଳପୁରରେ ହେବ ଗ୍ରୀନ୍ ହାଇଡ୍ରୋଜେନ ଓ ଗ୍ରୀନ୍ ଆମୋନିଆ ଉତ୍ପାଦନ କେନ୍ଦ୍ର

ଭୁବନେଶ୍ୱର, ୨୪।୧
ନ୍ୟୁଜ୍ ବ୍ୟୁରୋ

ଗତବର୍ଷ ଏପ୍ରିଲରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜାପାନ ଗସ୍ତ ଫଳପ୍ରସୂ ହେବା ଆରମ୍ଭ କରିଛି । ଜାପାନର ଖ୍ୟାତନାମା ଉଦ୍ୟୋଗ ଆଇଏଚ୍‌ଆଇ କର୍ପୋରେସନ ଏବଂ ଏହାର ସହଯୋଗୀ ସଂସ୍ଥା ଏସିଏମ୍‌ଇ ଗ୍ରୁପ ଓଡ଼ିଶାରେ ଗ୍ରୀନ ହାଇଡ୍ରୋଜେନ ଓ ଗ୍ରୀନ ଆମୋନିଆ ଉତ୍ପାଦନ କରିବ । ଏଥିପାଇଁ ଗୋପାଳପୁର ଶିଳ୍ପ ପାର୍କରେ କମ୍ପାନୀ ୫୮, ୯୦୫ କୋଟି ଟଙ୍କା ବିନିଯୋଗ କରିବା ସହ ୩୭୦୦ ଲୋକଙ୍କୁ ନିଯୁକ୍ତି ଦେବ । ଏନେଇ ଲୋକସେବା ଭବନରେ ଏକ ବୁଝାମଣାପତ୍ର

ସ୍ୱାକ୍ଷରିତ ହୋଇଛି । ଏନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଖୁସିବ୍ୟକ୍ତ କରିବା ସହ ଶୀଘ୍ର ପ୍ରକଳ୍ପ କାର୍ଯ୍ୟକ୍ଷମ କରି ଓଡ଼ିଶାକୁ ଏକ ସବୁଜ ହାଇଡ୍ରୋଜେନ ହବ୍‌ରେ ପରିଣତ କରିବାରେ ସହଯୋଗ ପାଇଁ ଉଭୟ କମ୍ପାନୀର କର୍ତ୍ତୃପକ୍ଷଙ୍କୁ ଆହ୍ୱାନ ଜଣାଇଥିଲେ । ଶିଳ୍ପ ସମୂହକୁ ସବୁ ପ୍ରକାର ସହଯୋଗ ପ୍ରଦାନ ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ । ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ *(ପୃଷ୍ଠା ୭ରେ)*

ଶିମିଳିପାଳ ଅଭୟାରଣ୍ୟରେ ହେବ ବିଶ୍ୱର ପ୍ରଥମ କଳାବାଘ ସଫାରୀ

ଭୁବନେଶ୍ୱର, ୨୪।୧ : ନ୍ୟୁଜ୍ ବ୍ୟୁରୋ

ଶିମିଳିପାଳ ଅଭୟାରଣ୍ୟରେ ହେବ କଳାବାଘ ସଫାରୀ । ଏନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସାମାଜିକ ଗଣମାଧ୍ୟମ ଏକ୍ସ ଜରିଆରେ ସୂଚନା ଦେଇଛନ୍ତି । ଖୁବ୍‌ଶୀଘ୍ର ପର୍ଯ୍ୟଟକମାନେ ସଫାରୀ ଭିତରେ ବିରଳ କଳାବାଘ ଦେଖିବାର ସୁଯୋଗ ପାଇବେ । ସୂଚନା ଅନୁଯାୟୀ, ରାଜ୍ୟ ସରକାରଙ୍କ ଏହି ପ୍ରକଳ୍ପ ପ୍ରସ୍ତାବକୁ ଏନଟିସିଏର ଅନୁମୋଦନ ମିଳିବା ପରେ, ସ୍ୱତନ୍ତ୍ର ଟିମ କ୍ଷେତ୍ର ପରିଦର୍ଶନ କରିବ । ୨ଶହ ହେକ୍ଟର ଏରିଆ ଏନଏଚ-୧୮ କଡରେ ହେବ ଏହି ସଫାରୀ । ୧ଶହ ହେକ୍ଟରରେ ହେବ ପ୍ରଦର୍ଶନୀ ଅଞ୍ଚଳ । ଅନ୍ୟ ଶହେ ହେକ୍ଟର ଅଞ୍ଚଳରେ ପ୍ରାଣୀଚିକିତ୍ସା କେନ୍ଦ୍ର ସହ ଉଦ୍ଧାର କରାଯାଇଥିବା ପଶୁଙ୍କ ଥଇଥାନ କେନ୍ଦ୍ର ହେବ । କର୍ମଚାରୀଙ୍କ ପାଇଁ ବାସଭବନ ସହ ପର୍ଯ୍ୟଟକଙ୍କ ପାଇଁ ସମସ୍ତ ସୁବିଧା ଏଠାରେ ଉପଲବ୍ଧ ହେବ । ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଠାରୁ ଏହା ୧୫ କିଲୋମିଟର ଦୂରରେ ହେବ । ମେଲାନିଷ୍ଟିକ କଳାବାଘ କେବଳ ଶିମିଳିପାଳ ଅଞ୍ଚଳରେ ଦେଖାଯାଆନ୍ତି । ନନ୍ଦନକାନନରେ ଥିବା ବଳକା *(ପୃଷ୍ଠା ୭ରେ)*

27 YEARS
ସମ୍ବାଦ କଣିକା
ଭୁବନେଶ୍ୱର, ୨୫ ଜାନୁଆରୀ ୨୦୨୪ ଗୁରୁବାର

କେନ୍ଦୁଝର: ପ୍ରାଥମିକ ବିଦ୍ୟାଳୟକୁ ଆବରଣ କରି ରହିଛି ଏକ ବିରାଟ ବୃକ୍ଷ

କୁହୁଡ଼ିର ଚାଦର ତଳେ କେନ୍ଦୁଝର

ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖ ଟ୍ରାଫିକ୍ ପରିସର ପାଲଟିଛି ଜଣେ ଭିନ୍ନକ୍ଷମ ବୃଦ୍ଧଙ୍କ ଆଶ୍ରୟସ୍ଥଳ

କଭରଯୁକ୍ତ ଡ୍ରେନ୍ ଉପରେ ଭାରି ସାମଗ୍ରୀ ସାଙ୍ଗକୁ ଯାନ ପାର୍କିଂ ଯୋଗୁ ଡ୍ରେନ୍ ଗୁଡ଼ିକ ଦୁର୍ବଳ ହୋଇପଡୁଛି (ଫଟୋ: ସୁରଜିତ ନ୍ୟୁଜ୍)

ଜୈତୁନ ନିଶା ସରକାରୀ ଉଚ୍ଚ ବିଦ୍ୟାଳୟରେ 'ସାହିତ୍ୟ ସୃଜନୀ' କାର୍ଯ୍ୟକ୍ରମ

ଖୋର୍ଦ୍ଧା, ନ୍ୟୁଜ୍ ବ୍ୟୁରୋ

ଖୋର୍ଦ୍ଧା ଉପକଣ୍ଠ କେରଙ୍ଗ ଜୈତୁନ ନିଶା ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ 'ସାହିତ୍ୟ ସୃଜନୀ'ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି ସମାରୋହରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ମିନତୀ ମହାନ୍ତି ସଭାପତିତ୍ୱ କରିଥିଲେ । ପ୍ରଥମ ଅଧିବେଶନରେ ମୁଖ୍ୟଅତିଥି ଭାବେ ଖୋର୍ଦ୍ଧା ଏ.ବି.ଇ.ଓ ସୂର୍ଣ୍ଣଲତା ସାମନ୍ତରାୟ ଯୋଗଦେଇଥିଲେ । ସମ୍ମାନୀତ ଅତିଥି ଭାବେ କେରଙ୍ଗର ପୂର୍ବତନ ସରପଞ୍ଚ ମୁନିରୁଦ୍ଦିନ ଖାଁ ଓ ବିଦ୍ୟାଳୟର ସଭାପତି ହଲିମୁଦ୍ଦିନ ଖାଁ ଯୋଗ ଦେଇଥିଲେ । ଦ୍ୱିତୀୟ ଅଧିବେଶନରେ ମୁଖ୍ୟଅତିଥି ଭାବେ ରାଜ୍ୟସଭା ସଦସ୍ୟ ମୁନା ଖାଁ ଓ ସ୍ଥାନୀୟ ସରପଞ୍ଚ ମବରୁର ହୁସେନ ଯୋଗ ଦେଇଥିଲେ । ସମ୍ମାନୀତ ଅତିଥି ଭାବେ କେରଙ୍ଗ ଅହମଦୀୟା ମୁସଲିମ ସଂଗଠନର ସଭାପତି ଅମିରୁଦ୍ଦିନ ଖାଁ ଏବଂ ସ୍ଥାନୀୟ ମୋ ସ୍କୁଲର ସଭାପତି ମହମ୍ମଦ ଜହିରୁଲ ହକ୍ ଯୋଗ ଦେଇଥିଲେ । ବରିଷ୍ଠ ଶିକ୍ଷକ ଅନନ୍ଦ ଚନ୍ଦ୍ର ବେହେରା ମଞ୍ଚ ପରିଚାଳନା କରିଥବା ବେଳେ ଶତ୍ରୁଘ୍ନ ଛୋଟରାୟ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରବୋଧ କୁମାର କୁମାର ମିଶ୍ର ଓ ଅନ୍ୟ ଶିକ୍ଷୟତ୍ରୀ ଓ ଶିକ୍ଷକମାନେ କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ, ଆଲମୁନି ମେମ୍ବର, ଅଭିଭାବକ, ଗ୍ରାମବାସୀ ତଥା ବିଦ୍ୟାଳୟ ଗୋଲଡ଼େନ ଜୁବୁଲି ପରିବାରର ନୂତନ ଓ ପୂରାତନ ଛାତ୍ର ଛାତ୍ରୀମାନେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ଏହି ସମାରୋହରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

ହସ୍ପିଟାଲ୍ ବିକ୍ରି ନାଁରେ ଠକେଇ ମାମଲା:ଆଉ ଜଣେ ଗିରଫ

ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ

ସ୍ଥାନୀୟ ଭାବାନଗର ଠାରେ ଓମ୍ ଆରୋଗ୍ୟ ହସ୍ପିଟାଲ୍ ବିକ୍ରି ନାଁରେ ହୋଇଥିବା ବହୁ କୋଟି ଟଙ୍କା ଠକେଇ ମାମଲାରେ ଆଉ ଜଣେ ଅଭିଯୁକ୍ତଙ୍କୁ ବୈଦ୍ୟନାଥପୁର ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ଋଷିପ୍ରସାଦ ନାୟକ । ସ୍ୱେସିମ୍ୟାନ୍ ହୋଲଡ଼ିଂସ୍ ଲିମିଟେଡ୍ କମ୍ପାନୀ ସହ ଋଷି ପ୍ରସାଦଙ୍କ ସମ୍ପର୍କ ଥିବା ସ୍ପଷ୍ଟ ହେବାପରେ ପୋଲିସ ତାଙ୍କୁ ଗିରଫ କରିଥିବା ସୂଚନା ମିଳିଛି । ସୂଚନାଯୋଗ୍ୟ ଯେ, ବ୍ରହ୍ମପୁର ହର୍ସବିହାର ୪ର୍ଥ ଲାଇନ୍ ବାସିନ୍ଦା ତଥା ଓମ୍ ଆରୋଗ୍ୟ ହସ୍ପିଟାଲ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଡ଼ା. ରମେଶ ଚନ୍ଦ୍ର ବରତ ଏକ ହସ୍ପିଟାଲ୍ କିଣିବା ପାଇଁ ୨୦୨୧ ମସିହାରେ ସ୍ୱେସିମ୍ୟାନ୍ ହୋଲ୍‌ଡ଼ିଂସ୍ ଲିମିଟେଡ୍ ସହ ଏକ ଚୁକ୍ତି କରିଥିଲେ । ଏଥିପାଇଁ ରମେଶ ପ୍ରଥମେ ୩ କୋଟି ୪୩ ଲକ୍ଷ ଟଙ୍କା ଦେଇଥିଲେ । ହେଲେ କରୋନା ଆସିଯିବା ପରେ ଡ଼ା. ରମେଶ ସମ୍ପୃକ୍ତ ହସ୍ପିଟାଲ୍‌କୁ ନିଜ ଅକ୍ତିଆରକୁ ନେଇପାରିନଥିଲେ । ଏହାର ସୁଯୋଗ ନେଇ ସଂଗ୍ରାମ ମହାନ୍ତି ଓ ତାଙ୍କ ସହଯୋଗୀ ଋଷି ପ୍ରସାଦ ନାହାକ, ବଦ୍ରିନାରାୟଣ ପାତ୍ର ଓ ତାଙ୍କ ପତ୍ନୀ ନିଶି ପ୍ରିୟଦର୍ଶନୀ କାଗଜପତ୍ର ଜାଲିଆତି କରି ଡ଼ା. ରମେଶଙ୍କୁ ପ୍ରାୟ ୬ କୋଟି ଟଙ୍କା ଠକେଇ କରିଥିବା ଅଭିଯୋଗ ହୋଇଥିଲା । ଏନେଇ ଡ଼ା. ରମେଶ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା । ପୋଲିସ ଏହି ଘଟଣାରେ ସମ୍ପୃକ୍ତ ଥିବା ସଂଗ୍ରାମ ମହାନ୍ତି, ନିଶି ପ୍ରିୟଦର୍ଶନୀ ଓ ବଦ୍ରି ନାରାୟଣ ପାତ୍ରଙ୍କୁ ପର୍ଯ୍ୟାୟକ୍ରମେ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଏହି ଘଟଣାର ତଦନ୍ତ ଜାରି ରହିଥିଲା । ଡ଼ା. ରମେଶଙ୍କୁ ଠକେଇ କରିଥିବା ସ୍ୱେସିମ୍ୟାନ୍ ହୋଲଡ଼ିଂସ୍ ଲିମିଟେଡ୍ କମ୍ପାନୀର ଇ-ମେଲ୍ ଆଇଡ଼ିରେ ଋଷିପ୍ରସାଦଙ୍କୁ ମୋବାଇଲ୍ ନମ୍ବର ଦିଆଯାଇଥିବା ଭଳି ଅନ୍ୟ କିଛି ପ୍ରମାଣ ପୋଲିସ ହାତରେ ଲାଗିଥିଲା । ତେଣୁ କମ୍ପାନୀ ସହ ସମ୍ପର୍କ ଥିବା ସ୍ପଷ୍ଟ ହେବାପରେ ପୋଲିସ ଋଷିପ୍ରସାଦଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି ।

ରାଜ୍ୟ କୃଷକ ମୋର୍ଚ୍ଚା ସଭାପତିଙ୍କ ବୌଦ୍ଧ ଗସ୍ତ

ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ

ବିଜେପି କୃଷକ ମୋର୍ଚ୍ଚାର ରାଜ୍ୟ ସଭାପତି ମହେଶ୍ୱର ସାହୁ ବୌଦ୍ଧ ଗସ୍ତରେ ଆସି ମୁର୍ଷୁଣ୍ଡି, ବାମଣ୍ଡା, ସରସରା ଆଦି ଧାନମଣ୍ଡି ପରିଦର୍ଶନରେ ଯାଇ ମଣ୍ଡିର ଦୂରବସ୍ଥା ବିଷୟରେ ଚାଷୀମାନଙ୍କ ସହ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ଚାଷୀମାନେ ଅଭିଯୋଗ କଲେ ଯେ ବାମଣ୍ଡା ମଣ୍ଡିରେ ଶୀତ କାକରରେ ସପ୍ତାହେ ହେଲା ପଡ଼ି ରହିଛନ୍ତି । ମଣ୍ଡିରୁ ଧାନ ଉଠୁନାହିଁ । ଦୁଇରୁ ତିନି କେଜି କଟନି ଛଟନି ହେଉଛି । ଅଖା ସୁତୁଲି ଆଦି ଫେରାଉ ନାହାନ୍ତି । ପିଇବା ପାଇଁ ପାନୀୟ ଜଳ ନାହିଁ । ସିଇଓଙ୍କୁ ବାରମ୍ବାର ଜଣାଇଲେ ମଧ୍ୟ ଫଳ କିଛି ହେଉନାହିଁ । ରାଜ୍ୟ ସଭାପତି ସବୁ ଶୁଣି ସମବେଦନା ଜ୍ଞାପନ କରିବା ସଙ୍ଗେ ସଙ୍ଗେ କର୍ତ୍ତୃପକ୍ଷଙ୍କୁ ଜଣାଇବା ପାଇଁ ପ୍ରତିଶ୍ରୁତି ଦେଲେ ଏବଂ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାପାଇଁ ଚେତାବନୀ ମଧ୍ୟ ଦେଲେ । ଏହି ଦଳରେ ଜିଲ୍ଲା ସଭାପତି ବିପ୍ର ମହାନ୍ତି, ରାଜ୍ୟ ଉପସଭାପତି ସୂର୍ଯ୍ୟ ମହାପାତ୍ର, ଚାଷୀ ନେତା ଆରତ ଧଳ, ସୁନିଲ କ୍ଷେତି, ଶାନ୍ତନୁ ପ୍ରଧାନ ପ୍ରମୁଖ ବହୁ ଚାଷୀ ଉପସ୍ଥିତ ଥିଲେ । ଏହାପରେ ଉକ୍ତ ଦଳ ପଞ୍ଚାୟତ ଅଫିସ୍‌କୁ ଯାଇ ମୋଦି ସରକାର ଦେଉଥିବା ମାଗଣା ଚାଉଳ ଠିକ୍ ଭାବେ ଦିଆହେଉଛି କି ନାହିଁ ତଦାରଖ କରି ଜାଣିବାକୁ ପାଇଲେ ଯେ କୌଣସି ହିତାଧିକାରୀଙ୍କୁ ରସିଦ ଦିଆଯାଉନାହିଁ । ମୋଦୀଙ୍କ ବ୍ୟାନର ମରା ହେଉନାହିଁ । ନାୟକପଡ଼ାର ଜନୈକ ହିତାଧିକାରୀଙ୍କୁ ଓଜନରେ ଠକେଇ କରି ପଚାଶ କେଜି ବଦଳରେ ୪୬ କେଜି ଚାଉଳ ଦିଆଯାଇଛି । ଉକ୍ତ କମିଟି ପ୍ରତିବାଦ କରିବାରୁ ତାକୁ ପୁଣି ୪ କେଜି ଚାଉଳ ଦିଆଗଲା । ଏପରି ଭାବେ ପ୍ରତି ଗରିବ ହିତାଧିକାରୀଙ୍କ ଠାରୁ ୩ ରୁ ୪ କେଜି ଚାଉଳ ଠକି ନେଉଛନ୍ତି । ଏନେଇ କମିଟି ଜିଲ୍ଲାପାଳଙ୍କ ଦୃଷ୍ଟିକୁ ଆଣିବା ପାଇଁ ସ୍ଥିର କରିଥିଲା ।

୧୯୮୨ ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁ ମିଳନ

ଆଠଗଡ଼, ନ୍ୟୁଜ୍ ବ୍ୟୁରୋ

ବନ୍ଧୁତ୍ୱର ଉଦାହରଣ ଦେଉଛନ୍ତି ଆଠଗଡ଼ର ୧୯୮୨ ମସିହା ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁ ମିଳନ । ଆଇନଜୀବୀ ଅରୁଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ଥାନୀୟ ମହିଧରପୁର ପଡିଆ ଠାରେ ଶତାଧିକ ବନ୍ଧୁ ଏକତ୍ରୀତ ହୋଇଥିଲେ । ସେହି ବ୍ୟାଚ୍‌ରେ ଅଧ୍ୟୟନ କରୁଥିବା ବନ୍ଧୁଙ୍କ ମଧ୍ୟରୁ ୨୪ ଜଣ ବନ୍ଧୁଙ୍କ ଦେହାନ୍ତ ହୋଇଥିବାରୁ ସେମାନଙ୍କ ଉଦ୍ଦେଶ୍ୟରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ଅସୁବିଧାରେ ଥିବା ବାଲ୍ୟବନ୍ଧୁଙ୍କୁ ସମସ୍ତ ବନ୍ଧୁ ସହଯୋଗ କରିବା ପାଇଁ ପ୍ରସ୍ତାବ ଗୃହୀତ ହେଲା । ଏତଦ୍‌ବ୍ୟତୀତ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ସମସ୍ତ ବନ୍ଧୁ ସାମିଲ ହେବେ ବୋଲି ନିଷ୍ପତ୍ତି ଗ୍ରହଣ କରାଗଲା । ଏହି କାର୍ଯ୍ୟକ୍ରମରେ ସୁଧାକର ସାହୁ, ଶରତ ନିଶାଙ୍କ, ସୋମନାଥ ଭକ୍ତା, ବିଚିତ୍ରବିର୍ଯ୍ୟ ସିଂହ ସାମନ୍ତ, ଅଭୟ ମହାପାତ୍ର, ଚିନା ମିଶ୍ର, ବିଭୁଦାନନ୍ଦ ମିଶ୍ର ଓ ଯଶୋବନ୍ତ ବାରିକ ବହୁ ବନ୍ଧୁ ସହଯୋଗ କରିଥିଲେ ।

ଆବାସ ଯୋଜନାରୁ ବଞ୍ଚିତ ହିତାଧିକାରୀଙ୍କ ଗଣଧାରଣା ଦେଢମାସରେ ପହଞ୍ଚିଲା

ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ

ବୌଦ୍ଧ ବ୍ଲକର ୨୩ ଟି ପଞ୍ଚାୟତର ଯୋଗ୍ୟ ହିତାଧିକାରୀଙ୍କୁ ଆବାସ ଯୋଜନାରୁ ବାଦ୍ ଦିଆଯାଇଥିବାରୁ ଗତ ଡିସେମ୍ବର ମାସ ୬ ତାରିଖ ଠାରୁ ବୌଦ୍ଧ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଚାଲିଥିବା ଗଣଧାରଣାକୁ ୪୫ ଦିନ ହୋଇଗଲା । ତେବେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ଗଣଧାରଣା ପ୍ରତ୍ୟାହୃତ କରିବା ପାଇଁ ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା ହୋଇଥିଲେ ମଧ୍ୟ କୌଣସି ନିଷ୍ପତ୍ତି ବାହାରି ପାରିନଥିବାରୁ ଆଜିପର୍ଯ୍ୟନ୍ତ ଗଣଧାରଣା ଜାରିରହିଛି । ଏଠାରେ ସୂଚନାଯୋଗ୍ୟ ଯେ ଅଯୋଗ୍ୟ ହିତାଧିକାରୀଙ୍କୁ ଆବାସ ଯୋଜନାରେ ପକ୍କା ଘର ଯୋଗାଇ ଦିଆଯାଇଥିବା ବେଳେ କାର୍ଯ୍ୟାଦେଶ ପାଇସାରି ଜିଓ ଟ୍ୟାଗିଙ୍ଗ ହୋଇସାରିଥିବା ହିତାଧିକାରୀଙ୍କ ନାମ ବାଦ ଦିଆଯାଇଥିବା ଅଭିଯୋଗ କରି ଏହି ଯୋଜନାରୁ ବଞ୍ଚିତ ହିତାଧିକାରୀମାନେ ଧାରଣାରେ ବସିଛନ୍ତି । ଯୋଗ୍ୟ ହିତାଧିକାରୀଙ୍କୁ ଗୃହ ପ୍ରଦାନ କରିବା ସହ ଏହି ଚୃଞ୍ଚକତାପୂର୍ଣ୍ଣ କାର୍ଯ୍ୟରେ ସାମିଲ ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବା ପର୍ଯ୍ୟନ୍ତ ଆନ୍ଦୋଳନ ପ୍ରତ୍ୟାହୃତ ହେବନାହିଁ ବୋଲି ସେମାନେ ପ୍ରକାଶ କରିଛନ୍ତି । ତେବେ ଆନ୍ଦୋଳନକାରୀ ଏବଂ ପ୍ରଶାସନ ମଧ୍ୟରେ ବିଭିନ୍ନ ପର୍ଯ୍ୟାୟରେ ହୋଇଥିବା ଆଲୋଚନା ସଫଳ ହୋଇପାରିନଥିବା ବେଳେ ଆନ୍ଦୋଳନକାରୀ ମାନେ ଇତି ମଧ୍ୟରେ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଛନ୍ତି । କୌଣସି ନିଷ୍ପତ୍ତି ନନେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଚାଲୁ ରହିବ ବୋଲି ଆନ୍ଦୋଳନକାରୀମାନେ ସୂଚନା ଦେଇଛନ୍ତି । ଏହି ଗଣଧାରଣା ସ୍ଥଳରେ ପ୍ରତ୍ୟେକ ଦିନ ଆନ୍ଦୋଳନକାରୀମାନେ ନିଜେ ରାନ୍ଧି ଖାଉଥିବା ଦେଖିବାକୁ ମିଳିଛି ।

ଗାଳ୍ପିକ ଭାଗୀରଥି ବେହେରା ପାଇଲେ ପଲକ ଗଳ୍ପ ସମ୍ମାନ

ରମ୍ଭା, ନ୍ୟୁଜ୍ ବ୍ୟୁରୋ

ଗଳ୍ପ ପୁସ୍ତକ 'ସିଦ୍ଧେଶ୍ୱରୀ ଏବଂ ଅନ୍ୟାନ୍ୟ ଗଳ୍ପ' ପୁସ୍ତକ ନିମନ୍ତେ ଲେଖକ ଭାଗୀରଥି ବେହେରାଙ୍କୁ ପଲକ ସାହିତ୍ୟ ଅନୁଷ୍ଠାନ, ଆଳି କେନ୍ଦ୍ରାପଡ଼ା ତରଫରୁ ଅଦ୍ୱୈତ ମହାନ୍ତି କଥା ସାହିତ୍ୟ ସମ୍ମାନରେ ସମ୍ମାନୀତ କରାଯାଇଛି । ଅଧୁନା ଗଞ୍ଜାମ ବ୍ଲକର ଗୋଷ୍ଠୀ ଶିକ୍ଷା ଅଧିକାରୀ ରୂପେ କାର୍ଯ୍ୟରତ ଶ୍ରୀ ବେହେରା ଗଳ୍ପ, କବିତା ଓ ଉପନ୍ୟାସକୁ ନେଇ ୧୫ ଖଣ୍ଡ ପୁସ୍ତକର ରଚୟିତା ଏବଂ ଗଞ୍ଜାମର କବିତାଘରର ଅଧ୍ୟକ୍ଷ ରୂପେ ଓଡ଼ିଶାରେ ବେଶ ପରିଚିତ । ଅଳ୍ପ ଦିନ ତଳେ ସେ ଶିକ୍ଷା କ୍ଷେତ୍ରରେ ଅଭିନବ ପ୍ରୟାସ ନିମନ୍ତେ ଜାତୀୟ ସମ୍ମାନରେ ସମ୍ମାନୀତ ହୋଇଥିଲେ । ଓଡ଼ିଶା ସାହିତ୍ୟ ଏକାଡେମୀ ସମ୍ମାନିତ ଗାଳ୍ପିକ ଇଂ ବିଷ୍ଣୁ ସାହୁ ମୁଖ୍ୟ ଅତିଥି, ବରିଷ୍ଠ କବି ଓ ପ୍ରାବନ୍ଧିକ ଡ. ନାରାୟଣ ପଣ୍ଡା ମୁଖ୍ୟବକ୍ତା, ବିଶିଷ୍ଟ କବି ଓ ଅନୁବାଦିକା ଡ. ଅଞ୍ଜୁମନ ଆରା ସମ୍ମାନୀତ ଅତିଥି, ଶିକ୍ଷାବିତ୍ ଓ ସାହିତ୍ୟ ସଂଗଠକ ପ୍ରମୋଦ ମଲ୍ଲିକ ସମ୍ମାନୀତ ବକ୍ତା, ପ୍ରଫେସର ନନ୍ଦ କିଶୋର ପରିଡ଼ା ସଭାପତି ଆଦି ବିଶିଷ୍ଟ ସାହିତ୍ୟିକ ଗଣ ଗାଳ୍ପିକ ଭାଗୀରଥି ବେହେରାଙ୍କୁ ସମ୍ମାନୀତ ଫଳକ, ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନୀତ କରିଥିଲେ । ଏହି ସମ୍ମାନ ଗଞ୍ଜାମ ଜିଲ୍ଲାର ସାହିତ୍ୟିକଙ୍କୁ ସମ୍ମାନ କହି ଗାଳ୍ପିକ ଶ୍ରୀ ବେହେରା ଆୟୋଜକ ତଥା ପଲକ ପତ୍ରିକାର ସମ୍ପାଦକ ଶଶିକାନ୍ତ ଦାସଙ୍କୁ ଧନ୍ୟବାଦ୍ ଦେଇଛନ୍ତି । ଅନ୍ୟାନ୍ୟ ସାହିତ୍ୟିକଙ୍କ ମଧ୍ୟରେ ଗଞ୍ଜାମ ଜିଲ୍ଲାରୁ କବି ଡ. ଅସିତ୍ କୁମାର ସ୍ୱାଇଁ, କବୀ ଅଞ୍ଜନା ବେହେରା, କବି ଏନ୍ ଶିବ ରେଡ୍ଡୀ ଆଦି ଉପସ୍ଥିତ ଥିଲେ ।

ବେଧଡ଼କ ଭାବେ ଚାଲିଛି ଜଙ୍ଗଲ ଧ୍ୱଂସ:କୁମ୍ଭକର୍ଣ୍ଣ ନିଦ୍ରାରେ ବନ ବିଭାଗ

ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ

ସୁବର୍ଣ୍ଣପୁର ଜିଲ୍ଲା ବିନିକା, ବୀରମହାରାଜପୁର, ତରଭା, ସୋନପୁର ବ୍ଲକରେ ବେଧଡକ ଭାବେ ଚାଲିଛି ଜଙ୍ଗଲ କଟା । କୁମ୍ଭକର୍ଣ୍ଣ ନିଦ୍ରାରେ ବନ ବିଭାଗ କର୍ମଚାରୀ ଅଭିଯୋଗ ଆଣିଲେ ସ୍ଥାନୀୟ ବାସିନ୍ଦା । ଜଙ୍ଗଲ ସରିବା ପରେ ଜଙ୍ଗଲ କମିଟି ତିଆରି କରିବା ପାଇଁ ପ୍ରୟାସର ପ୍ରହସନ ମାତ୍ର । ପରିବେଶ ସୁରକ୍ଷା ପାଇଁ ସରକାରଙ୍କ ପକ୍ଷରୁ କୋଟି କୋଟି ଟଙ୍କା ଖର୍ଚ୍ଚରେ କୃତ୍ରିମ ଜଙ୍ଗଲ ସୃଷ୍ଟି କରାଯାଉଛି । ପ୍ରତିବର୍ଷ ବିଭିନ୍ନ ପ୍ରକାର ଚାରା ରୋପଣ କରାଯାଉଛି । ହେଲେ ପ୍ରାକୃତିକ ଜଙ୍ଗଲର ମୂଲ୍ୟବାନ ଗଛ କାଟି ଜଙ୍ଗଲ ନଷ୍ଟ କରୁଛନ୍ତି କାଠ ମାଫିଆ । ପ୍ରତିବର୍ଷ ଶହ ଶହ ହେକ୍ଟର ବିନା ବାଧାରେ ସଂରକ୍ଷିତ ଜଙ୍ଗଲକୁ ନଷ୍ଟ କରି ଚାଷ କରାଯାଉଛି । ବନବିଭାଗ କର୍ମଚାରୀଙ୍କ ମନୋଭାବ ଓ ମଧୁଚନ୍ଦ୍ରିକା ଯୋଗୁଁ ପାହାଡ଼, ପର୍ବତରେ ଥିବା ଗଛ କାଟି ଚାଷ କରିବାକୁ ବସିଲେଣି । ଯାହାଫଳରେ ଦିନକୁ ଦିନ ଜଙ୍ଗଲ ନଷ୍ଟ ହୋଇ ପଦା ହେଉଥିବା ବେଳେ ଜଙ୍ଗଲ ଜୀବଜନ୍ତୁଙ୍କ ପାଇଁ ବିପଦ ସୃଷ୍ଟି ହୋଇଛି । ବନାଞ୍ଚଳ ଅଧୀନରେ ଥିବା ବିଭିନ୍ନ ଗ୍ରାମ ନିକଟରେ ଥିବା ଜଙ୍ଗଲ ସମ୍ପୂର୍ଣ୍ଣ ଧ୍ୱଂସ ହେବାକୁ ବସିଲାଣି କହିଲେ ଚଳେ । ବାରମ୍ବାର ଏନେଇ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ହେଉଛି, କିନ୍ତୁ ବନବିଭାଗର ରେଞ୍ଜ ଦାୟିତ୍ୱରେ ଥିବା କର୍ମଚାରୀମାନେ ଏଥିପ୍ରତି ଧ୍ୟାନ ଦେଉନାହାନ୍ତି । ଏଭଳି ପରିସ୍ଥିତି ରହିଲେ କିଛିବର୍ଷ ମଧ୍ୟରେ ଜଙ୍ଗଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବ ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ । ଜଙ୍ଗଲକୁ ରକ୍ଷା କରିବା ପାଇଁ ସରକାର ବନ ବିଭାଗର କର୍ମଚାରୀ ନିୟୋଜିତ କରିଛନ୍ତି । କିନ୍ତୁ କର୍ମଚାରୀଙ୍କ ଅପାରଗତା ଯୋଗୁ ପ୍ରତିବର୍ଷ ଏକର ଏକର ସଂରକ୍ଷିତ ଜଙ୍ଗଲ ଧ୍ୱଂସ ପାଉଛି ଏହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଜଙ୍ଗଲ କ୍ଷୟ ଯୋଗୁଁ ମଣିଷ, ପଶୁପକ୍ଷୀ ସମସ୍ତ ବନ୍ୟପ୍ରାଣୀଙ୍କୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ । ତେଣୁ ଜଙ୍ଗଲ ପ୍ରତି ସାଧାରଣ ଜନତାଙ୍କ ସଚେତନତା ଏକାନ୍ତ ଆବଶ୍ୟକ ଥିବାବେଳେ ଜିଲ୍ଲା ପ୍ରଶାସନ ଓ ବନ ବିଭାଗ ଏଥିପ୍ରତି ବିଶେଷଭାବରେ ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବି ହେଉଛି ।

ଇଞ୍ଜଣାରେ ୧୨ତମ ଓଡ଼ିଶୀ ସଂକୀର୍ତ୍ତନ ପ୍ରତିଯୋଗିତା

ବାରଙ୍ଗ, ନ୍ୟୁଜ୍ ବ୍ୟୁରୋ

ରାଜଧାନୀ ଉପକଣ୍ଠ ନୂତନ ପଞ୍ଚାୟତ ଭାବେ ଗଠିତ ଇଞ୍ଜଣା ପଞ୍ଚାୟତର ଇଞ୍ଜଣା ଗ୍ରାମ୍ୟ ମଙ୍ଗଳ କମିଟି ପକ୍ଷରୁ ୧୨ତମ ଓଡ଼ିଶୀ ସଂକୀର୍ତ୍ତନ ପ୍ରତିଯୋଗିତା ଇଞ୍ଜଣା ସ୍ଥିତ ମା' ଦୁଲ୍ଲୁଦେଇ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ବିଭିନ୍ନ ସ୍ଥାନରୁ ଆସିଥିବା ଯୁବବର୍ଗଙ୍କୁ ନେଇ ଗଠିତ ୧୦ଟି ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇଥିଲେ । ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ଯୋଗଦେଇ କଳା, ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିବା ପାଇଁ ଯୁବବର୍ଗଙ୍କୁ ପ୍ରେରଣା ଦେଇଥିଲେ । ଏହି ପ୍ରତିଯୋଗିତାରେ ଜଟଣୀର ଓଘୋରସୁଆଁ ଶ୍ରେଷ୍ଠ ଦଳ ଭାବେ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ସେହିପରି ପିପିଲିର କେରୁଣ୍ଡେଇ ମାର୍ଥା ଓ ଯାଆଁଳାର ମୁଣ୍ଡମୁହାଣ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଶ୍ରେଷ୍ଠ ଗାୟକ ଭାବେ ଧନେଶ୍ୱର ମାଝୀ, ଶ୍ରେଷ୍ଠ ବାୟକ ମୋହନ ପରିଡ଼ା ଏବଂ ଶ୍ରେଷ୍ଠ ପାଳିଆ ରବିନ୍ଦ୍ରନାଥ ବାରିକଙ୍କୁ ସମ୍ମାନିତ ଓ ପୁରସ୍କୃତ କରାଯାଇଥିଲା । ଇଞ୍ଜଣା ଗ୍ରାମ୍ୟ ମଙ୍ଗଳ

27 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୫ ଜାନୁଆରୀ ୨୦୨୪ ଗୁରୁବାର

ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ନେତାଜୀ ଓ ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ

ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ

ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ମହାନ ବିପ୍ଳବୀ ବୀର ସୁରେନ୍ଦ୍ର ସାଏଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳନ ଅବସରରେ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଭୁବନେଶ୍ୱର ସ୍ଥିତ ରସୁଲଗଡ଼ ଛକରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ଭିଏସଏସ ନଗରସ୍ଥିତ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ନିର୍ଦ୍ଦେଶକ ସରୋଜ କୁମାର ସାମଲ, ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ବିପ୍ଳବୀ ମାନଙ୍କ ସ୍ମୃତି ଚାରଣ କରିଥିଲେ । ଏହି ଅବସରରେ ସୂଚନା ଓ ଲୋକ ସମ୍ପର୍କ ବିଭାଗର ସୂଚନା ଅଧିକାରୀ ପ୍ରମୋଦିନୀ ଟେଟେ, ସୁଶ୍ରୀ ସଂଗୀତା ମହାରଣା, ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ଲକ୍ଷ୍ମୀଧର ବେହେରା, ବୁଦ୍ଧିଜୀବୀ, ସମାଜସେବୀ, ବିଭିନ୍ନ ଛାତ୍ର ସଂଗଠନର ପ୍ରତିନିଧି ଓ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ ।

।।।।।।।।।।। ଜନ୍ମସ୍ଥାନ ଖିଣ୍ଡାରେ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ।।।।।।।।।।।

ମୁଖ୍ୟମନ୍ତ୍ରୀଙ୍କ ହାତମୁଠାକୁ ଟାଣ କରିବାକୁ ମନ୍ତ୍ରୀଙ୍କ ଆହ୍ୱାନ

ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ

ବୀର ସୁରେନ୍ଦ୍ର ସାଏ ସମ୍ବଲପୁର ଜିଲ୍ଲା ଖିଣ୍ଡାରେ ୧୮୦୯ ମସିହାରେ ଜନ୍ମଗ୍ରହଣ କରିଥିଲେ । ସେ ଅଳ୍ପ ବୟସରୁ ଇଂରେଜ ମାନଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ । ଯେଉଁ ସମୟରୁ ପାଠ ପଢା ଖେଳ କୁଦ କରିବା କଥା ସେହି ସମୟରୁ ଅସ୍ତ୍ର ଶସ୍ତ୍ର ଧରି ଇଂରେଜ ମାନଙ୍କର ନିଦ ହଜେଇ ଦେଇଥିଲେ । ସୁରେନ୍ଦ୍ର ସାଏଙ୍କ ୨୧୬ ତମ ଜନ୍ମ ଜୟନ୍ତୀ ଅବସରରେ ଜଳସମ୍ପଦ ଓ ପରିବହନ ମନ୍ତ୍ରୀ ଟୁକୁନୀ ସାହୁ ସଭାରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ସଭାରେ ଆଲୋଚନା ଓ ଲୋକଙ୍କ

ଦାବି ଗୁଡିକ ମୁଖ୍ୟମନ୍ତ୍ରୀଙ୍କ ପାଖରେ ଆଲୋଚନା କରିବି, କେବଳ ଗୋଟିଏ ସୁରେନ୍ଦ୍ର ସାଏ ନୁହଁ ସେଇ ରାସ୍ତାରେ ହଜାର ହଜାର ପିଲା ଯାଇ ମମୁଖ୍ୟମନ୍ତ୍ରୀଙ୍କ ହାତ ମୁଠାକୁ ଟାଣ କରିବାକୁ ପରାମର୍ଶ ଦେଇଥିଲେ । ସମ୍ବଲପୁର ଜିଲ୍ଲାରୁ ଖିଣ୍ଡା ଗସ୍ତ କରିବା ସମୟରେ ଏକ ବିଶାଳ ପଟୁଆର ବାଇକ୍ ରାଲିରେ ଯାଇ ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଦେବାପାଇଁ ପହଞ୍ଚିଥିଲେ ଓ ନିଜକୁ ସୌଭାଗ୍ୟ ମନେ କରୁଛି ବୋଲି କହିଥିଲେ । ତାଙ୍କ ସହିତ ଜିଲ୍ଲା ସଭାପତି ତଥା ରେଢାଖୋଲ ବିଧାୟକ ରୋହିତ ପୂଜାରୀ, ବ୍ରଜରାଜନଗର ପୂର୍ବତନ ବିଧାୟକ ଅନୁପ ସାଏ, ଜିଲ୍ଲାପରିଷଦ ସଭାନେତ୍ରୀ କୁମୁଦିନୀ ନାଏକ, ରେଙ୍ଗାଲି ବ୍ଲକ ଅଧ୍ୟକ୍ଷ ସତ୍ୟନାରାୟଣ ଅଗ୍ରୱାଲ, ବିଶାଲ ଦାସ, ଇଂ.ଗାନ୍ଧୀ ବେହେରା, ସୌଭଗ୍ୟ ନାଏକ, ଜିତେନ୍ଦ୍ର ପଣ୍ଡା, ଚୋଲଶ୍ରୀ ମହାନନ୍ଦ, ରିନା ତନ୍ତୀ ଓ ମୋନିକା ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ । ଡ଼ ଗୌରୀଦାସ ପ୍ରଧାନ ମଞ୍ଚ ପରିଚାଳନା କରିଥିବାବେଳେ ରେଙ୍ଗାଲି ବ୍ଲକ ଅଧ୍ୟକ୍ଷ ଧନ୍ୟବାଦ ଅର୍ପଣ କରିଥିଲେ । ଏହା ପୂର୍ବରୁ ରେଙ୍ଗାଲି ବିଧାୟକ ନାଉରି ନାଏକ ଉପସ୍ଥିତ ରହି କହିଥିଲେ ଡେବ୍ରିଗଡ ଓ ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମଭୂମି ଖିଣ୍ଡାକୁ କେନ୍ଦ୍ର ସ୍ୱଦେଶ ଦର୍ଶନ ଯୋଜନାରେ ସାମିଲ କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଜି.କ୍ରିଷ୍ଣା ରେଡ୍ଡୀ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇଥିଲେ । ଏହି ଅବସରରେ ସୁଧିର ଗୁପ୍ତା, ନବିନ ପ୍ରଧାନ, ସରୋଜ ମେହେର, ଉତ୍ତମ ବିଶ୍ୱାଳ, ଠେଲକୋଲି ସରପଞ୍ଚ ଅବନ୍ତୀ ନାଏକ ଓ ଅନ୍ୟମାନେ ଉପସ୍ଥିତ ଥିଲେ ।

ଅଯୋଧ୍ୟାରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଅବସରରେ ଆସିକା ସହର ଉତ୍ସବ ମୁଖର

ଆସିକା, ନ୍ୟୁଜ୍ ବ୍ୟୁରୋ

ଅଯୋଧ୍ୟାରେ ରାମଲାଲାଙ୍କ ପ୍ରାଣ ପତିଷ୍ଠା ଅବସରରେ ଆସିକାର ଗ୍ରାମାଞ୍ଚଳ ଠାରୁ ଆରମ୍ଭ କରି ସହରାଞ୍ଚଳ ଉତ୍ସବ ମୁଖର । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସବୁଠାରେ ଗୋଟେ ସ୍ୱର ଶ୍ରୀରାମ ଶ୍ରୀରାମ । ଗାଁ ଗାଁରେ ରାମଙ୍କ ଗୁଣଗାନ କରିବା ହୁଳହୁଳି ସହ ଘଣ୍ଟ ଗିନି ମୃଦଙ୍ଗରେ ଫାଟି ପଡିଥିଲା ସାରା ପରିବେଶ । ଆସିକା ବାଣୀ ବିହାର ଅଞ୍ଚଳର ଯୁବ ବିଜେଡି ସଙ୍ଗଠକ ସନ୍ତୋଷ କୁମାର ବିଷୋୟୀ ଆସିକା ଅଞ୍ଚଳର ବିଭିନ୍ନ ରଘୁନାଥ ମନ୍ଦିରକୁ ଯାଇ ଦର୍ଶନ କରି ଆସିଥିବା ବେଳେ ରାମ ମନ୍ଦିର ଚଳଚଞ୍ଚଳ ଦେଖାଯାଉଥିବା ବେଳେ ବିଭିନ୍ନ ସାହିରେ ପ୍ରସାଦ ସେବନର ବ୍ୟବସ୍ଥା ମଧ୍ୟ ଆୟୋଜନ କରିଥିଲେ ରାମ ଭକ୍ତମାନେ ।

ଉଦ୍‌ଯାପିତ ହେଲା ପୁରନ୍ଦର ସ୍ମାରକୀ ରାଜ୍ୟସ୍ତରୀୟ ନାଟ ମହୋତ୍ସବ

ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ

ସୁବର୍ଣ୍ଣପୁରର ରୟାଲ ପଡ଼ିଆ ମୁକ୍ତମଞ୍ଚରେ ଚାଲିଥିବା ପୁରନ୍ଦର ସ୍ମାରକୀ ରାଜ୍ୟସ୍ତରୀୟ ନାଟ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି । ତୃତୀୟ ଦିନରେ ତିନୋଟି କୋଶଲି-ସମ୍ବଲପୁରୀ ନାଟକ ପରିବେଷିତ ହୋଇଛି । କେରାପଦର, ବୋଡ଼େନ, ନୂଆପଡାର ଜ୍ଞାନୋଦୟ ନାଟ୍ୟ ଅନୁଷ୍ଠାନର ନାଟ୍ୟକାର କେଶ ରଞ୍ଜନ ପ୍ରଧାନ ଓ ରବିଶଙ୍କର ପ୍ରଧାନ ନିର୍ଦ୍ଦେଶିତ ନାଟ 'ମଧୁବିଦ୍ୟା', ଦ୍ୱିତୀୟ ନାଟକ ଶ୍ରୀ କଳଚରାଲ ଏସୋସିଏସନ୍ ସମ୍ବଲପୁର ନାଟ୍ୟକାର ଓ ନିର୍ଦ୍ଦେଶକ ସତ୍ୟ ରଞ୍ଜନ ବେହେରାଙ୍କ ନାଟ 'ସଃ' ଓ ତୃତୀୟ ନାଟ ପଦମପୁରର ଅବର୍ଣ୍ଣୀଗୁଣ୍ଡା ନାଟ୍ୟ ଅନୁଷ୍ଠାନର ନାଟ୍ୟକାର ଅଶୋକ ବହିଦାର ଓ ନିର୍ଦ୍ଦେଶକ ବିଶ୍ରାମ ମେହେରଙ୍କ 'ଟିକଟ' ନାଟକ ପ୍ରଦର୍ଶିତ

ହୋଇଥିଲା । ନାଟ 'ସଃ'ରେ କେବଳ ମଣିଷଙ୍କୁ ନୁହେଁ ସମସ୍ତ ଜୀବଜନ୍ତୁଙ୍କୁ ଭଲପାଇବା ଉପରେ ପର୍ଯ୍ୟବେସିତ ଏହି କଥାବସ୍ତୁକୁ ନେଇ ରହିଥିବାବେଳେ ଦ୍ୱିତୀୟ ନାଟକ 'ମଧୁବିଦ୍ୟା' ଏକ ଆଧ୍ୟାତ୍ମିକ ମିଥ୍ ଉପରେ ପର୍ଯ୍ୟବେସିତ ଥାଇ କୌଣସି ବି ବିଦ୍ୟା ସୀମିତ ଭାବରେ ଲୁକ୍କାୟିତ ନରହି ସାର୍ବଜନୀନ କରିବା ଉପରେ ଗୁରୁତ୍ୱାରୋପ କରିବା ସହ ଯାହା ଲୋକହିତରେ ମଙ୍ଗଳ ହେବ ତାହା ସର୍ବୋପରି ଯା ବିଦ୍ୟା ସାବିମୁକ୍ତୟେର ଭାବନା ପ୍ରଦାନ କରିଥିବା ବେଳେ ତୃତୀୟ ନାଟ 'ଟିକଟ' ସାଂପ୍ରତିକ ପରିସ୍ଥିତିରେ ରାଜନୀତି ଯେପରି ପରିବାରବାଦ ଆଡକୁ ସମ୍ପୂର୍ଣ୍ଣ ଭାବେ ଢଳିଯାଇ ନୂତନ ଯୁବ ପ୍ରତିଭା ମାନଙ୍କୁ ସୁଯୋଗ ଦେବାରେ ବାଟ ଓଗାଳୁଛି । ଯାଫଳରେ ସମାଜରେ ସନ୍ତୁଳନର ଅଭାବ ରହି ସଠିକ୍ ନେତୃତ୍ୱର ଅଭାବ ଅନୁଭୁତ ହେଉଛି । ତାହାହିଁ ନିଖୁଣ ଭାବରେ ଦର୍ଶାଇଛନ୍ତି ନାଟ୍ୟକାର । ସମସ୍ତ ନାଟକକୁ ନାଟ୍ୟପ୍ରେମୀ ଦର୍ଶକ ଢେର ରାତିଯାଏ ଉପଭୋଗ କରିଥିଲେ ।

ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ:ପ୍ରଥମ ଦିନରେ ଯୋଗଦେବେ ଐତିହାସିକ ହରମାନ କୁଲ୍‌କେ

ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ

ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ପ୍ରଥମ ଦିନରେ ଯୋଗଦେବେ ଐତିହାସିକ ପଦ୍ମଶ୍ରୀ ହରମାନ କୁଲ୍‌କେ ଜର୍ମାନୀର ବର୍ଲିନ ଜନ୍ମିତ ପ୍ରଫେସର କୁଲ୍‌କେ ଭାରତୀୟ ଉପମହାଦେଶର ଭାଷା, ସଂସ୍କୃତି, ସାହିତ୍ୟ ଓ ଇତିହାସ ଅଧ୍ୟୟନ ଓ ଗବେଷଣା କ୍ଷେତ୍ରରେ ଅଗାଧ ପାଣ୍ଡିତ୍ୟ ରହିଛି । ସେହିଭଳି ଓଡ଼ିଶା ସହ ତାଙ୍କର ସମ୍ପର୍କ ଅତ୍ୟନ୍ତ ନିବିଡ଼ । ରାଜ୍ୟର କଳା, ସଂସ୍କୃତିକୁ ପ୍ରତି ମଧ୍ୟ ତାଙ୍କର ସ୍ୱତନ୍ତ୍ର ରୁଚି ରହିବା ସହ ଓଡ଼ିଶାର ଇତିହାସକୁ ସେ ଅତି ନିକଟରୁ ଦେଖିଥିବା ପ୍ରତୀୟମାନ ହୁଏ । ସେ ଓଡ଼ିଶାର ଇତିହାସକୁ ନେଇ ଅନେକ ଗବେଷଣାତ୍ମକ ପ୍ରବନ୍ଧ ମାନ ପ୍ରକାଶ କରିଛନ୍ତି । ସେ ୧୯୭୦ ରୁ ୭୫ ମସିହା ମଧ୍ୟରେ ଓଡ଼ିଶା ଗବେଷଣା ପ୍ରକଳ୍ପର ପ୍ରତିଷ୍ଠାତା ସଦସ୍ୟ ରହିବା ସହିତ ସଂଯୋଜକ ଭାବେ ସୂଚାରୁ ରୂପେ କାର୍ଯ୍ୟ ତୁଲାଇଛନ୍ତି । ସେହିଭଳି ଉତ୍କଳ ବିଶ୍ୱବିଦ୍ୟାଳୟରେ ୧୯୭୮ରୁ ୭୯ ମସିହା ମଧ୍ୟରେ ଭିଜିଟିଂ ପ୍ରଫେସର ଭାବେ ମଧ୍ୟ କାର୍ଯ୍ୟ କରିଛନ୍ତି । ଅନ୍ୟପକ୍ଷରେ ଜଗନ୍ନାଥ ସଂସ୍କୃତି ଓ ଓଡ଼ିଶାର ଆଞ୍ଚଳିକ ପରମ୍ପରା, ଓଡ଼ିଶା ଓ ଭାରତର ସାଂସ୍କୃତିକ ଐକ୍ୟ, ଓଡ଼ିଶାର ରୂପରେଖ, ଜଗନ୍ନାଥ ସଂସ୍କୃତି ଓ ଗଜପତି ପରମ୍ପରା, ଓଡ଼ିଶାର କୁର୍ମୀ ସମ୍ପ୍ରଦାୟ, ଓଡ଼ିଶା ଓ ବିଜୟନଗରର ମଧ୍ୟଯୁଗୀୟ ଇତିହାସ ଉପରେ ବିଭିନ୍ନ ଲେଖାମାନ ଲେଖି ଓଡ଼ିଶାର ନିକଟତର ହୋଇପାରିଛନ୍ତି । ବହୁତ ବର୍ଷର ବ୍ୟବଧାନ ପରେ ପ୍ରଫେସର କୁଲକେଙ୍କ ପରି ଜଣେ ମହାନ ଐତିହାସିକଙ୍କ ଠାରୁ ଓଡ଼ିଶାବାସୀ ସାରଗର୍ଭକ ତଥ୍ୟଭିତ୍ତିକ ସୂଚନା ପାଇବାର ସୁଯୋଗ ପାଇବେ । ଏହାଦ୍ୱାରା ରାଜ୍ୟର ଐତିହାସିକ, ଭାଷାବିତ, ବୁଦ୍ଧିଜୀବୀ ଓ ଛାତ୍ରଛାତ୍ରୀ ମାନେ ଅନେକ କିଛି ଶିଖି ପାରିବେ ବୋଲି ଆଶା କରାଯାଉଛି । ଏହି ସମ୍ମିଳନୀ ଆସନ୍ତା ଫେବୃଆରୀ ୩ ରୁ ୫ ତାରିଖ ମଧ୍ୟରେ ସ୍ଥାନୀୟ ଭୁବନେଶ୍ୱର ସ୍ଥିତ ଜନତା ମଇଦାନରେ ଅନୁଷ୍ଠିତ ହେବ । ଏଥିରେ ଆଦିକବି ସାରଳା ଦାସ, ଅତିବଡ଼ି ଜଗନ୍ନାଥ ଦାସ, କବିସମ୍ରାଟ ଉପେନ୍ଦ୍ର ଭଞ୍ଜ, ବ୍ୟାସକବି ଫକୀର ମୋହନ ସେନାପତିଙ୍କ ନାମରେ ନାମିତ ଚାରୋଟି କକ୍ଷରେ ଓଡ଼ିଆ ଭାଷାକୁ ନେଇ ବିଭିନ୍ନ ସମ୍ମାନରେ ପ୍ରାସଙ୍ଗିକ ବିଷୟବସ୍ତୁ ଉପରେ ତଥ୍ୟଭିତ୍ତିକ ଆଲୋଚନା ଅନୁଷ୍ଠିତ ହେବ । ଏଥିରେ ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ, ଅଧ୍ୟାପକ ଓ ଅଧ୍ୟାପିକା ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

ଜନ୍ମପୀଠରେ ନେତାଜୀ ଜୟନ୍ତୀ ପାଳିତ

ମୃଣ୍ମୟ ଭାସ୍କର୍ଯ୍ୟ କଳା ପ୍ରଦର୍ଶନୀ ବଖାଣୁଛି ନେତାଜୀଙ୍କ ଜୀବନ ଗାଥା

କଟକ, ନ୍ୟୁଜ୍ ବ୍ୟୁରୋ

ଭାରତର ମହାନ୍ ସ୍ୱାଧୀନତା ସଂଗ୍ରାମୀ ତଥା ଆଜାଦ୍ ହିନ୍ଦ ଫୌଜର ସ୍ରଷ୍ଟା ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୭ତମ ଜନ୍ମ ଜୟନ୍ତୀ ଅବସରରେ ମଙ୍ଗଳବାର କଟକ ଓଡ଼ିଆ ବଜାର ସ୍ଥିତ ନେତାଜୀଙ୍କ ଜନ୍ମପୀଠ ସଂଗ୍ରହାଳୟ ଜାନକୀନାଥ ଭବନଠାରେ ନେତାଜୀ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ଏବଂ ଅବକାରୀ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। କଟକ ମହାନଗର ନିଗମର ମେୟର ସୁବାସ ଚନ୍ଦ୍ର ସିଂହ, ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ନରହରି ସେଠୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ମଧୁସୂଦନ ଦାସ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଯୁଗ୍ମ ଶାସନ ସଚିବ ଅତସୀ ଦାଶ, ଉପନିର୍ଦ୍ଦେଶକ ତଥା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର, ଜିଲ୍ଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ, ଓଡ଼ିଶା ଲଳିତ କଳା ଏକାଡେମୀର ସଚିବ ପଞ୍ଚାନନ ସାମଲ ଏବଂ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଅଣନାତି ସୁପ୍ରିୟ ବୋଷ ଓ ଚିତପ୍ରିୟ ବୋଷ ପ୍ରମୁଖ ଉପସ୍ଥିତ ରହି ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଏହି ମହାନ୍ ନେତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଦିନ ବ୍ୟାପୀ ଜନ୍ମସ୍ଥାନ ସଂଗହାଳୟ ପରିସରରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ନେତାଜୀଙ୍କୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହି ଅବସରରେ ନେତାଜୀ ସଂଗ୍ରହାଳୟ ପରିସରରେ ଲଳିତ କଳା ଏକାଡେମୀ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ନେତାଜୀଙ୍କ ଜୀବନର ପ୍ରମୁଖ ଘଟଣାବଳୀକୁ ନେଇ ଆୟୋଜିତ ମୃଣ୍ମୟ ଭାସ୍କର୍ଯ୍ୟ କଳା ପ୍ରଦର୍ଶନୀର ୧୮ ଜଣ ଭାସ୍କର୍ଯ୍ୟ ଶିଳ୍ପୀଙ୍କୁ ଉତ୍ତରୀୟ, ମାନପତ୍ର ଓ ୧୫ ହଜାର ଲେଖାଏଁ ଟଙ୍କାର ଚେକ୍ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

'ଟିପିଏନଓଡିଏଲ'ର ସାମାଜିକ ବିକାଶ ମୂଲ୍ୟବୋଧକୁ ଗୁରୁତ୍ୱ

ବାଲେଶ୍ୱର, ନ୍ୟୁଜ୍

ଟାଟି ପାୱାର ନର୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏନଓଡିଏଲ)ର ବାର୍ଷିକ ଉତ୍ସବ ଉଲ୍ଲାସ ନୋସି ପରିସରରେ ମହାସମାରୋହରେ ଅନୁଷ୍ଠିତ ହୋଇଛି । ଟିପିଏନଓଡ଼ିଏଲ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାସ୍କର ସରକାରଙ୍କ ପୌରୋହିତ୍ୟରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଧେ ଏବଂ ସମ୍ମାନୀତ ଅତିଥି ଭାବେ ଚିଫ କମର୍ସିଆଲ ପ୍ରବୀନ ବର୍ମା ଓ ଅପରେସନର ବରିଷ୍ଠ ଜେନେରାଲ ମ୍ୟାନେଜର ଶରତ ଚନ୍ଦ୍ର ମହାଳିକ ମଞ୍ଚାସୀନ ହୋଇଥିଲେ । ସିଇଓ ଶ୍ରୀ ସରକାର ସ୍ୱାଗତ ଅଭିଭାଷଣ ରଖିବା ସହ ବିଦ୍ୟୁତ ବିତରଣ କ୍ଷେତ୍ରରେ ଟିପିଏନଓଡ଼ିଏଲ ଗ୍ରହଣ କରିଥିବା ବିଭିନ୍ନ ଉଲ୍ଲେଖନୀୟ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ । ଏଥିସହ ଏଟିଏଣ୍ଡସି କ୍ଷତିକୁ ହ୍ରାସ କରିବାରେ କମ୍ପାନୀ ହାସଲ କରିଥିବା ମାଇଲଖୁଣ୍ଟ ସମ୍ପର୍କରେ ଉଲ୍ଲେଖ କରିଥିଲେ । ମିଳିଥିବା ଗ୍ରେଟ୍ ପ୍ଲେସ୍ ଟୁ ୱାର୍କ ମାନ୍ୟତା ଓ ଟିପିଏନଓଡ଼ିଏଲର ସମସ୍ତ କର୍ମଚାରୀଙ୍କୁ ସଫଳତାର ଶ୍ରେୟ ପ୍ରଦାନ କରିଥିଲେ । ସେ ଦର୍ଶାଇଥିଲେ ଯେ ନିକଟରେ ଟିପିଏନଓଡିଏଲକୁ ଗ୍ରେଟ୍ ପ୍ଲେସ୍ ଟୁ ୱାର୍କ ମାନ୍ୟତା ମଧ୍ୟ ମିଳିଛି । ମାତ୍ର କିଛି ବର୍ଷରେ ଏହି ସଂସ୍ଥା ନିଜର ଗୁଣବତ୍ତା ସେବା ଓ କର୍ମଚାରୀଙ୍କୁ ମୌଳିକ ଭିତ୍ତିଭୂମି ଯୋଗାଇ ଏହି ସମ୍ମାନର ଅଧିକାରୀ ହୋଇପାରିଛି । ନିଜର ଉପଭୋକ୍ତାମାନଙ୍କୁ ଗୁଣାତ୍ମକ ବିଜୁଳି ସେବା ଯୋଗାଇବା ଦିଗରେ ଟିପିଏନଓଡିଏଲ ଗୁରୁତ୍ୱ ଦେବା ସହ ସାମାଜିକ ବିକାଶ ମୂଲ୍ୟବୋଧକୁ ଗୁରୁଦାୟିତ୍ୱ ସହ ବହନ କରୁଛି । ଶିକ୍ଷାରୁ ବଞ୍ଚିତ ପିଲାମାନଙ୍କୁ ଶିକ୍ଷାଦାନ, ବିଭିନ୍ନ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଜରିଆରେ ଯୁବବର୍ଗଙ୍କୁ ଆତ୍ମନିର୍ଭରଶୀଳ ହେବା ପାଇଁ ପ୍ରଶିକ୍ଷଣ, ନିରକ୍ଷର ମହିଳାମାନଙ୍କୁ ଶିକ୍ଷାଦାନ ଓ ଦକ୍ଷତା ବିକାଶ ଆଦି କାର୍ଯ୍ୟକ୍ରମ ଆୟୋଜନ କରିବା ସହ ଗ୍ରାମାଞ୍ଚଳରେ ମୌଳିକ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ଗାଡିର ବ୍ୟବସ୍ଥା କରିଛି । ଟିପିଏନଓଡିଏଲ ପ୍ରଶିକ୍ଷଣ କେନ୍ଦ୍ରଗୁଡ଼ିକରୁ ପ୍ରଶିକ୍ଷଣ ନେଇ ଯୁବବର୍ଗ ବିଭିନ୍ନ ବହୁରାଷ୍ଟ୍ରୀୟ କମ୍ପାନୀରେ ନିଯୁକ୍ତି ପାଇବାର ସୁଯୋଗ ପାଇଛନ୍ତି । ସେହିଭଳି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ସଦସ୍ୟମାନଙ୍କୁ ଟେଲରିଂ, ବ୍ୟୁଟିସିଆନ ଆଦି ପ୍ରଶିକ୍ଷଣ ଦିଆଯିବା ସହ ଆତ୍ମନିର୍ଭରଶୀଳ କରାଇବା ଦିଗରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ବୋଲି ସେ କହିଥିଲେ । ମୁଖ୍ୟ ଅତିଥି ଜିଲ୍ଲାପାଳ ଶ୍ରୀ ସିନ୍ଧେ ଟିପିଏନଓଡ଼ିଏଲର କାର୍ଯ୍ୟଶୈଳୀ ଓ ବିଦ୍ୟୁତ ସେବା ବିତରଣ କ୍ଷେତ୍ରରେ ଗ୍ରହଣ କରାଯାଇଥିବା ଉନ୍ନତିମୂଳକ ପଦକ୍ଷେପ ଗୁଡିକୁ ଉଚ୍ଚ ପ୍ରଶଂସା କରିଥିଲେ । ଏଥିସହ ଆଗାମୀ ଦିନରେ ମଧ୍ୟ ଏହି ପ୍ରକ୍ରିୟାକୁ ଅଧିକ ଲୋକାଭିମୁଖୀ କରିବାକୁ ପରାମର୍ଶ ଦେଇଥିଲେ । ସମ୍ମାନୀତ ଅତିଥି ଶ୍ରୀ ବର୍ମା ସ୍ୱଳ୍ପ ଅବଧିରେ ଟିପିଏନଓଡ଼ିଏଲ ହାସଲ କରିଥିବା ସଫଳତା ଗୁଡିକୁ ଉପସ୍ଥାପନ କରିଥିବା ବେ

ପକ୍ଷାନ୍ତରୀୟ
29 YEARS
ସମ୍ବାଦ କାଳିକା

ସବୁଠୁ ଧନୀ ମନ୍ଦିର ହେବ ଅଯୋଧ୍ୟା ରାମ ମନ୍ଦିର !

ଅଯୋଧ୍ୟାରେ ନବନିର୍ମିତ ରାମ ମନ୍ଦିରରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ହୋଇଛି । ଏବେ ଅଯୋଧ୍ୟା ହିନ୍ଦୁ ଏବଂ ରାମଭକ୍ତମାନଙ୍କ ପାଇଁ ଏକ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟି ଯାଇଛି । ତେଣୁ ଆଗାମୀ ଦିନରେ ଏହା ଉତ୍ତର ପ୍ରଦେଶ ସରକାରଙ୍କ ପାଇଁ ରାଜସ୍ୱ ଆୟର ଏକ ଖଣି ପାଲଟିବ ବୋଲି ଆଶା କରାଯାଉଛି । ୨୦୨୫ ଆର୍ଥିକ ବର୍ଷରେ ରାଜ୍ୟର ମୋଟ ରାଜସ୍ୱରେ ଅତିରିକ୍ତ ୨୫୦୦୦ କୋଟି ଟଙ୍କାର ରାଜସ୍ୱ ଆସିବ ବୋଲି କୁହାଯାଉଛି । ୨୦୨୨ରେ ୨.୨୧ କୋଟି ଶ୍ରଦ୍ଧାଳୁ ଅଯୋଧ୍ୟା ଆସିଥିଲେ । ଲୋକମାନେ ମନ୍ଦିର ଯାଇ ବିଭିନ୍ନ ମାନସିକ କରୁଛନ୍ତି । ମାନସିକ ପୂରଣ ହେଲେ ସେମାନେ ମନ୍ଦିରରୁ ସୁନା, ରୁପା, ଟଙ୍କା ଠାରୁ ଆରମ୍ଭ କରି ଅନ୍ୟ ମୂଲ୍ୟବାନ ଜିନିଷ ଦାନ କରୁଛନ୍ତି । ତେଣୁ ଏହା ଦେଶର ସବୁଠୁ ଧନୀ ମନ୍ଦିର ହେବ ବୋଲି ଆକଳନ କରାଯାଇଛି । ଶେର ମନ୍ଦିରଗୁଡ଼ିକୁ ଦେଖିଲେ କେରଳର ପଦ୍ମନାଭ ସ୍ୱାମୀ ମନ୍ଦିର ସବୁଠୁ ଧନୀ ।

କେରଳ ରାଜଧାନୀ ତ୍ରିବେନ୍ଦ୍ରମରେ ଥିବା ଏହି ମନ୍ଦିରରେ ଅନେକ ମୂଲ୍ୟବାନ ସଂପତ୍ତି ରହିଛି । ଏକ ରିପୋର୍ଟ ଅନୁସାରେ ଏଠାରେ ୨୦ ବିଲିଅନ ଡଲାର ମୂଲ୍ୟର ସଂପତ୍ତି ରହିଛି । ଏଥିସହିତ ଗର୍ଭଗୃହରେ ଥିବା ମୂର୍ତ୍ତିରେ ଯେଉଁ ସୁନା ରହିଛି ତାହାର ମୂଲ୍ୟ ୫୦୦ କୋଟି ଟଙ୍କା ହେବ । ଦ୍ୱିତୀୟ ସ୍ଥାନରେ ଆନ୍ଧ୍ରପ୍ରଦେଶ ସ୍ଥିତ ତିରୁପତି ବାଲାଜୀ ରହିଛି । ଏହି ମନ୍ଦିର କିନ୍ତୁ ଦାନ ହିସାବରେ ଦେଖିଲେ ବିଶ୍ୱର ସବୁଠୁ ଧନୀ ମନ୍ଦିର । ଭକ୍ତମାନେ ଏହି ମନ୍ଦିରକୁ ବର୍ଷକୁ ପ୍ରାୟ ୬୫୦ କୋଟି ଟଙ୍କା ଦାନ କରିଥାନ୍ତି । ମନ୍ଦିରରେ ୯ ଟନ ସୁନା ଏବଂ ବିଭିନ୍ନ ବ୍ୟାଙ୍କରେ ୧୪ ହଜାର କୋଟି ଟଙ୍କାର ମିଆଦି ଜମା ରହିଛି । ଏହି ତାଲିକାରେ ମହାରାଷ୍ଟ୍ରର ଶିରିଡ଼ି ସାଇବାବାଙ୍କ ମନ୍ଦିର ନାମ ରହିଛି । ମନ୍ଦିରର ବ୍ୟାଙ୍କ ଖାତାରେ ୧୮୦୦ କୋଟି ଟଙ୍କାର ଜମାରାଶି ରହିଛି ।

ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

ସତ୍ୟ ଭାଗବତ

ପ୍ରଥମ ଅଧ୍ୟାୟ

ଓଁ

'ଜୟନ୍ତୀ, ମଙ୍ଗଳା, କାଳୀ,
ଭଦ୍ରକାଳୀ କପାଳିନୀ
ଦୁଗସ୍ତା, କ୍ଷମା, ଶିବା, ଧାତ୍ରୀ
ସ୍ୱହା ସ୍ୱଧା ନମ୍ଭୁତେ ।'

ନବଦ୍ୱାରେ ନବଶକ୍ତି
ତୁହି ମାତ ଦେବୁ
ଦଶ ଦ୍ୱାର ଶୂନ୍ୟବାସୀ
ତୁହି ବୋଲାଇବୁ (୨୦)

ତୋର ଛଡା ଏ ଶରୀର
କିଏ ସେ ରଖିବ
ତୁହି ଯଦି ନ ରଖିବୁ
ନାରଖାର ହେବ (୨୧)

ସବସ୍ର ମଙ୍ଗଳ କାରିଣୀ
ତୁହି ମା ମଙ୍ଗଳା
ବିପଦ ସମୟେ ଭକ୍ତର
ତୁହି ଭାବ ଭେଳା (୨୨)

ଶ୍ରୀ ଅଭିରାମ ସରସ୍ୱତୀ

ତୋର ଘର ମୋ ଶରୀର
ତୋତେ ସମର୍ପିଲି
ସବୁଛାଡି ତୋର ପାଶେ
ଶରଣ ପଶିଲି (୨୩)

ରଖିଲେ ରଖିବୁ ତୁହି
ମାରିଲେ ମାରିବୁ
ବିପଦ ସମୟେ ସଦା
ତୁହି ସାହାହେବୁ (୨୪)

(କ୍ରମଶଃ)



ଇଂ ଗୁରୁପ୍ରସାଦ ସରକାର
ମୋ : ୯୪୩୭୦୩୦୪୫୩

ଶ୍ରୀ ସତ୍ୟସାଇ ମହିମା-୨୪୫

ବାବା ଥିଲେ ସର୍ବଶକ୍ତିମାନ, ସର୍ବବିଦ୍ୟମାନ ଏବଂ ସର୍ବଦର୍ଶୀ

ସୋଭିଏତ ଦେଶରେ ଜନ୍ମ ଗ୍ରହଣ କରି, ଆମେରିକାର ନାଗରିକ ହୋଇ ଏକ ଭାରତୀୟ ନାମ ଗ୍ରହଣ କରି ଭଦ୍ରମହିଳା ଇନ୍ଦ୍ରାଦେବୀ ନାମରେ ପରିଚିତା ଥିଲେ । ସେ ଜଣେ ପୁରାତନ ତଥା ନୈଷ୍ଠିକ ସାଇ ଭକ୍ତ ଥିଲେ । ସେ ମେକ୍ସିକୋରେ ରହୁଥିଲେ । ଥରେ ବଣରେ ନିଆଁ ଲାଗି ମେକ୍ସିକୋ ସୀମାନ୍ତରେ ଥିବା ଇନ୍ଦ୍ରାଦେବୀଙ୍କ ଧାନକେନ୍ଦ୍ର ଟେକାଟ୍‌ର ଚାରିପଟେ ନିଆଁ ଲାଗିଗଲା । ନିଆଁ ଦ୍ରୁତଗତିରେ ସେଠାରେ ଥିବା ସାଇମନ୍ଦିର ସାଇ ବଳୟ ଆଡକୁ ମାଡି ଆସିଲା । ଧାନକେନ୍ଦ୍ରରେ ଥିବା ସାଇଭକ୍ତମାନେ ପାଖରେ ଥିବା ପାହାଡ ଉପରକୁ ଉଠିଯାଇ ନିଜ ନିଜର ପ୍ରାଣ ରକ୍ଷା କଲେ । ସେଠାରେ ଲାଗିଥିବା ତମ୍ବୁଗୁଡିକ ଓ ଟ୍ରକ ଗୁଡିକ ପୋଡି ପାଉଁଶ ହୋଇଗଲା । ନିଆଁ ନିର୍ଦ୍ଧାରିତ ହେବାପରେ ସାଇଭକ୍ତମାନେ ନିଜ ସ୍ଥାନକୁ ଫେରିଆସି ବିଶ୍ୱାସ ଯୋଗ୍ୟ ନଥିବା ଆଶ୍ଚର୍ଯ୍ୟ ଘଟଣା ଦେଖିଲେ । ସେମାନେ ସେଠାରେ ସାଇବାବାଙ୍କ ଅଦୃଶ୍ୟ ଉପସ୍ଥିତି ଅନୁଭବ କଲେ । ସେଠାରେ ଏତେ ଜିନିଷ ପୋଡି ପାଉଁଶ ହୋଇ ଯାଇଥିବା ବେଳେ ସାଇନିଳୟମ ମନ୍ଦିରଟି ଅକ୍ଷୁର୍ଣ୍ଣ ତଥା ପୂର୍ବପରି ସତେଜ ରହିଥିଲା । ଏହା ଦେଖି ସାଇ ଭକ୍ତମାନଙ୍କ ମନରେ ବାବାଙ୍କ ପ୍ରତି ଭକ୍ତି ଓ ବିଶ୍ୱାସ ଅଧିକ ଦୃଢିଭୂତ ହେଲା ।

ଆଉଦିନେ ଇନ୍ଦ୍ରାଦେବୀ ନିଜ କୋଠରୀରେ ବସିଥିବା ବେଳେ ଦେଖିଲେ ତାଙ୍କ ଘରେ ନିଆଁ ଲାଗିଯାଇଛି । ସେ ତତ୍‌କ୍ଷଣାତ୍ ତାଙ୍କର ଠାକୁର ଘରକୁ ଦୌଡିଯାଇ ବାବାଙ୍କୁ ପ୍ରାର୍ଥନା କଲେ ଯେ ବାବା ତାଙ୍କର ପ୍ରାଣ ନିଶ୍ଚୟ ରକ୍ଷା କରିବ । ବାବା ତାଙ୍କର ଲୀଳା ତତ୍‌କ୍ଷଣାତ୍ ପ୍ରଦର୍ଶନକଲେ । ଅଗ୍ନି ଶିଖାଗୁଡିକ ଆପଣାଛାଏଁ ନିର୍ବାପିତ ହୋଇଗଲା । ଏହାପରେ ଇନ୍ଦ୍ରାଦେବୀ ବାବାଙ୍କ ଦର୍ଶନ ପାଇଁ ପୁଟାପାର୍ତ୍ତି ଯାଇଥିବା ବେଳେ ବାବା ତାଙ୍କୁ ନିଶ୍ଚିତ କଲେ ଯେ ଭବିଷ୍ୟତରେ ଆଉ ତାଙ୍କ ଘରେ ନିଆଁ ଲାଗିବ ନାହିଁ । ଭେଙ୍କଟଗିରି ମହାରାଜା ଜଣେ ସାଇଭକ୍ତ ଥିଲେ । ୧୯୫୦ ମସିହାରେ ସେ ବାବାଙ୍କୁ ଦର୍ଶନ କରି ତାଙ୍କର ରାଜପ୍ରସାଦକୁ ଥରେ ଆସିବା ପାଇଁ ପ୍ରାର୍ଥନା କଲେ । ବାବା ଏଥିରେ ସମ୍ମତି ପ୍ରଦାନ କଲେ ଓ ଏଥିପାଇଁ ଏକଦିନ ଠିକ୍ କରାଗଲା । ବାବା ଆସିବା ଦିନକ ପୂର୍ବରୁ ମହାରାଜା ତାଙ୍କର ଦ୍ୱିତୀୟ ପୁତ୍ରକୁ ଗୋଟିଏ କାର୍‌ଦେଇ ପୁଟପାର୍ତ୍ତି ଯାଇ ବାବାଙ୍କୁ ଭେଙ୍କଟ ଗିରିକୁ ପାଛୋଟି ଆଣିବା ପାଇଁ କହିଲେ, କିନ୍ତୁ ଦ୍ୱିତୀୟ ପୁତ୍ର ସାଇବାବାଙ୍କ ଭକ୍ତ ନଥିଲେ । ତେଣୁ ସେ ବାବାଙ୍କୁ କହିଲେ, 'ମୁଁ କୌଣସି ବାବାଙ୍କୁ ବିଶ୍ୱାସ କରେ ନାହିଁ । ତେଣୁ ଏ କାମ ମୁଁ କରିପାରିବି ନାହିଁ ।' ବାବା ତାଙ୍କର ଦ୍ୱିତୀୟ ପୁତ୍ର ଠାରୁ ଏହି ଉତ୍ତର ପାଇବେ ବୋଲି ଜାଣିଥିଲେ । ତେଣୁ ସେ ତାଙ୍କର ଜଣେ ନିକଟ ସମ୍ପର୍କୀୟଙ୍କୁ ପରଦିନ ସକାଳୁ ଗୋଟିଏ କାର୍ ଦେଇ ପୁଟପାର୍ତ୍ତି ଯାଇ ଏହି କାମ

କରିବା ପାଇଁ ନିର୍ଦ୍ଦେଶ ଦେଲେ । ନାସ୍ତିକ ରାଜକୁମାର ଏହି ଦାୟିତ୍ୱରୁ ମୁକ୍ତି ପାଇ ମହାନନ୍ଦରେ ଯାଇ ଶୋଇପଡିଲେ । ରାଜକୁମାର ଗଭୀର ନିଦ୍ରାରେ ଶୋଇଥିବା ବେଳେ ଏକ ସ୍ୱପ୍ନ ଦେଖିଲେ । ଏହି ସ୍ୱପ୍ନରେ ସାଇବାବା ରାଜକୁମାରଙ୍କୁ ଦୁଇଟି ପାଚିଲା ଆମ୍ବ ଖାଇବାକୁ ଦେଲେ । ରାଜକୁମାର ତାହା ଭକ୍ଷଣ କଲେ । ଆମ୍ବ ଦୁଇଟି ଅତି ସୁସ୍ୱାଦୁ ଓ ରୁଚିକର ଥିଲା । ରାଜକୁମାର ହଠାତ୍ ନିଦରୁ ଉଠିପଡିଲେ । ତାଙ୍କ ମନରେ ପୁଟାପାର୍ତ୍ତି ଯାଇ ବାବାଙ୍କୁ ଆଣିବାକୁ ପ୍ରବଳ ଇଚ୍ଛା ଜାଗ୍ରତ ହେଲା । ସେ ତତ୍‌କ୍ଷଣାତ୍ ବାବାଙ୍କୁ ଯାଇ କହିଲେ ଯେ ସାଇବାବାଙ୍କୁ ଆଣିବାକୁ ସେ ପୁଟାପାର୍ତ୍ତି ଯିବାକୁ ରାଜି ଅଛନ୍ତି । ଏହା ଶୁଣି ମହାରାଜା ଖୁସି ହେଲେ । ପରଦିନ ରାଜକୁମାର ପ୍ରାତଃ କାଳରୁ ଆଉ ଦୁଇ ଜଣଙ୍କୁ ସଙ୍ଗରେ ନେଇ ବାବାଙ୍କୁ ପାଛୋଟି ଆଣିବା ପାଇଁ ପୁଟାପାର୍ତ୍ତି ଅଭିମୁଖେ ବାହାରିଗଲେ । ସେହି ସମୟରେ ପୁଟାପାର୍ତ୍ତିର ଖ୍ୟାତି ଏତେ ବେଶି ହୋଇନଥିଲା । ତେଣୁ ସେଠାକୁ ରାସ୍ତା ମଧ୍ୟ ଅତି ଦୁର୍ଗମ ଥିଲା । ମଧ୍ୟାହ୍ନ ବେଳକୁ ରାଜ କୁମାର ପୁଟାପାର୍ତ୍ତିରେ ପହଞ୍ଚିଲେ । ସେତେବେଳେ ବାବା ପୁରୁଣା ମନ୍ଦିରରୁ ବାହାରୁ ଥିଲେ । ରାଜକୁମାର ବାବାଙ୍କୁ ପ୍ରଣିପାତ କରି ନିଜର ପରିଚୟ ଦେଲେ । ବାବା ତାଙ୍କୁ ଦେଖି ହସି ହସି କହିଲେ, 'ତୁମର ପୁଟାପାର୍ତ୍ତିକୁ ଆସିବା ଇଚ୍ଛା ନଥିଲା । ଦୁଇଟି ଆମ୍ବ ତୁମକୁ ଦୃତ ଗତିରେ ଏଠାକୁ ନେଇ ଆସିଲା । ସେଇଦିନ ସନ୍ଧ୍ୟାରେ ବାବା ରାଜକୁମାରଙ୍କୁ ସଙ୍ଗରେ ନେଇ ଭେଙ୍କଟଗିରି ଅଭିମୁଖେ ବାହାରି ଗଲେ । ବାଟରେ ବାବା ରାଜ ପ୍ରାସାଦ ବିଷୟରେ ସବୁକଥା ରାଜକୁମାରଙ୍କୁ ବର୍ଣ୍ଣନା କରି ଚାଲିଲେ । ରାଜ ପ୍ରାସାଦରେ କେତୋଟି କୋଠରୀ ଅଛି, କୋଠରୀ ଭିତରେ କ'ଣ ସବୁ ଅଛି, ଭିତରେ ସାଜସଜ୍ଜା କିପରି ଅଛି ଇତ୍ୟାଦି । ସତେଯେପରି ସେ ଆଗରୁ ଭେଙ୍କଟଗିରି ରାଜପ୍ରାସାଦ ଭିତର ବୁଲି କରି ଦେଖିଅଛନ୍ତି । କିନ୍ତୁ ଆଗରୁ କେବେ ସେ ସେଠାକୁ ଯାଇନଥିଲେ । ଏଇଥିରୁ ବାବା ଯେ ସର୍ବବିଦ୍ୟମାନ, ସର୍ବଦର୍ଶୀ ଓ ସର୍ବଶକ୍ତିମାନ ଏହାର ପ୍ରମାଣ ମିଳେ । (କ୍ରମଶଃ)

ପବିତ୍ର ମୋହନ ବାରିକ
ଅଧ୍ୟାପକ, ଇତିହାସ ବିଭାଗ
ମଦନପୁର,
ମୋ-୮୮୯୫୧୯୦୪୭୫

ଦକ୍ଷିଣ-ପୂର୍ବ ଏସିଆରେ ପ୍ରଭୁ ଶ୍ରୀରାମଚନ୍ଦ୍ର ଓ ରାମାୟଣ (୧)

ମହାକାବ୍ୟ ରାମାୟଣ ଓ ମହାଭାରତ ଭାରତୀୟ ଧର୍ମ, ସଂସ୍କୃତି, ପରମ୍ପରା, ଐତିହ୍ୟ ଓ ସଭ୍ୟତା ରୂପକ ପୂଣ୍ୟ ଦେବାଳୟର ସିଂହ ଦ୍ୱାର ଭାବେ ବିବେଚନା କରାଯାଏ । ଏହି ଦୁଇ ମହାକାବ୍ୟ ଆମ ଐତିହ୍ୟ ତଥା ଗୌରବ ବିମଣ୍ଡିତ ଜାତିର ପରିଚୟ । ମହାଭାରତୀୟ ଜାତିର ଆତ୍ମା ଏବଂ ସମ୍ମାନ ଓ ସ୍ୱାଭିମାନର ପ୍ରତୀକ ଏହି ଦୁଇ ମହାକାବ୍ୟ । କେବଳ ଭାରତୀୟ ଉପମହାଦେଶ ନୁହେଁ ସମଗ୍ର ବିଶ୍ୱମାନବ ପାଇଁ ପ୍ରେରଣା ଓ ଉତ୍ସାହର ଉତ୍ସ । ଏହା ଧର୍ମ, ରାଜନୀତି, ସମାଜ, ସାହିତ୍ୟ ଓ ସଂସ୍କୃତିକୁ ଗଭୀର ଭାବରେ ପ୍ରଭାବିତ ଓ ଅନୁପ୍ରାଣିତ କରିଆସୁଅଛି ପିଢୀରୁ ପିଢୀକୁ । ମହାକାବ୍ୟର ଭାବ, ଦର୍ଶନ, ତତ୍ତ୍ୱ ଓ ମାନବିକ ମୂଲ୍ୟବୋଧ ଏକ ସଫଳ ଓ ସାର୍ଥକ ଜୀବନ ନିର୍ବାହ ପାଇଁ ସହାୟତା ପ୍ରଦାନ କରିଥାଏ ଏହା ନିଃସନ୍ଦେହ । ରାଷ୍ଟ୍ରବାଦି, ଜାତୀୟବାଦ ଓ ଦେଶଭକ୍ତ ପାଇଁ ଆମର ଏହି ଦୁଇ ମହାକାବ୍ୟ ଯଥେଷ୍ଟ ପାଥେୟ ଯୋଗାଇ ଆସିଅଛି । କେବଳ ଭାରତ ବର୍ଷ ନୁହେଁ ବିଶ୍ୱପଟଳରେ ବିବେଚନା କଲେ ପ୍ରାଚୀନ ଗ୍ରୀସ୍ ଓ ରୋମ, ସଭ୍ୟତାର ମହାକାବ୍ୟ ସେ ଦେଶ ମାନଙ୍କର ଜନ ଜୀବନକୁ ସମୃଦ୍ଧି ଓ ଶକ୍ତିଶାଳୀ କରିବାର ପ୍ରମୁଖ ଭୂମିକା ଗ୍ରହଣ କରିଛି । ଗ୍ରୀକ ମହାକାବ୍ୟ ଇଲିଆନା ଓ ଓଡ଼େଶୀ ଏବଂ ରୋମ୍‌ର ମହାକାବ୍ୟ ଏନେଦ୍ ସେମାନଙ୍କର ଜାତୀୟ ଜୀବନକୁ ବର୍ଷ-ବର୍ଷ ଧରି ଦିଗ୍‌ଦର୍ଶନ କରି ଆସୁଅଛି । ଭାରତ ପରିପ୍ରେକ୍ଷୀରେ ବିବେଚନା କଲେ ମହାକାବ୍ୟ ରାମାୟଣ ଯାହା ମର୍ଯ୍ୟାଦା ପୁରୁଷ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ କଥାବସ୍ତୁ ଉପରେ ଆଧାରିତ । ମୂଳ ସଂସ୍କୃତ ରାମାୟଣ ମହର୍ଷି ବାଲ୍ମୀକି ଦ୍ୱାରା ରଚିତ ହୋଇଥିବା ବେଳେ ବିଭିନ୍ନ ପ୍ରଦେଶରେ ପ୍ରାଦେଶିକ ଭାଷାରେ ମଧ୍ୟ ରାମାୟଣ ରଚିତ ହୋଇଅଛି । ରାମାୟଣର ବିଷୟବସ୍ତୁ ଭାରତ ତଥା ସମଗ୍ର ବିଶ୍ୱର ଜନସାଧାରଣଙ୍କ ନିମନ୍ତେ ଆଦର୍ଶ, ଶିକ୍ଷଣୀୟ ଓ ପ୍ରେରଣା ଦାୟୀ । ବିଶ୍ୱ ସାହିତ୍ୟକୁ ରାମାୟଣ ଏକ ମହାର୍ଘ୍ୟ ଅବଦାନ । ଇତିହାସ ଓ ବିଭିନ୍ନ ଦେଶର ସାଂସ୍କୃତିକ ଐତିହ୍ୟ ସୂଚନା ଦିଏ ପ୍ରଭୁ ଶ୍ରୀରାମ ଚନ୍ଦ୍ର ଓ ମହାକାବ୍ୟ ରାମାୟଣ ଭାରତ ବର୍ଷରେ ସୀମାବଦ୍ଧ ନୁହେଁ । ବିଭିନ୍ନ ଦେଶ ଭିନ୍ନ-ଭିନ୍ନ କାରଣରୁ ରାମ ଓ ରାମାୟଣର ଲୋକପ୍ରିୟତା ଏତେ ମାତ୍ରାରେ ବୃଦ୍ଧି ପାଇଥିଲା ଯେ ଏହାର ପ୍ରଭାବ ଦେଖିବାକୁ ମିଳିଥିଲା ବ୍ୟକ୍ତି ବିଶେଷଙ୍କ ନାମ ଓ ସ୍ଥାନ ଉପରେ । ବର୍ତ୍ତମାନ ମଧ୍ୟ ଦକ୍ଷିଣ-ପୂର୍ବ ଏସିଆର ଦେଶ ବ୍ରହ୍ମଦେଶ, ଲାଇସେ, ଇନ୍ଦୋନେସିଆ, ମ୍ୟାଲେସିଆ, କାମ୍ବୋଡିଆ, ଭିଏତ୍‌ନାମ, ଥାଇଲାଣ୍ଡ ପ୍ରଭୃତି ଦେଶରେ ରାମାୟଣ ବିଶେଷ ଜନ ପ୍ରିୟ । କାମ୍ବୋଡିଆ ପ୍ରାଚୀନ ନାମ ଶ୍ୟାମରେ ୭୦୦ ଖ୍ରୀଷ୍ଟାବ୍ଦରେ ରାମାୟଣ ପ୍ରସିଦ୍ଧଲାଭ କରିଥିଲା । କାମ୍ବୋଡିଆର ରାଜା ପ୍ରକାଶ ଧର୍ମଙ୍କ ରାଜତ୍ୱ ସମୟରେ କାମ୍ବୋଡିଆରେ ଏକ ବାଲ୍ମୀକି ମନ୍ଦିର ପ୍ରତିଷ୍ଠା କରିଥିଲେ । କାମ୍ବୋଡିଆରେ ଥିବା ଅଙ୍ଗକର ବଟ ମନ୍ଦିରରେ ରାମାୟଣ, ମହାଭାରତ, ଓ ହରିବଂଶ, ପୁରାଣର ବିଭିନ୍ନ ବିଷୟ ପ୍ରସ୍ତର ଗାତ୍ରରେ ଖୋଦିତ ହୋଇଛି । କାମ୍ବୋଡିଆର ପ୍ରାଚୀନ ସାହିତ୍ୟ 'ରାମ କୀର୍ତ୍ତି' ଏକ ଅନବଦ୍ୟ କୃତି । ଏହି କାଳଜୟୀ ରଚନାର ସମୟ ଓ ରଚୟତା ଉଭୟ ଅଜ୍ଞାତ । ଏହାର ହସ୍ତ ଲିଖିତ ପାଣ୍ଡୁଲିପି ଗୁଡିକ ସପ୍ତଦଶ ଶତାବ୍ଦୀର ବୋଲି ବିଶ୍ୱାସ କରାଯାଏ । ରାମକୀର୍ତ୍ତିରେ ୮୦ ସର୍ଗ ଥିବାର ଦେଖାଯାଏ କିନ୍ତୁ କୌଣସିଟି ପୂର୍ଣ୍ଣ ହୋଇନାହିଁ । ଏଥିରେ ବିଶ୍ୱାମିତ୍ରଙ୍କର ଯଜ୍ଞଠାରୁ ଆରମ୍ଭ କରି ଇନ୍ଦ୍ରଜିତ ବଧ ପର୍ଯ୍ୟନ୍ତ କାହାଣୀମାନ ସନ୍ନିବେଶିତ ହୋଇଛି । କାମ୍ବୋଦର ନିକଟରେ ଥିବା ଆଜାମ ଠାରେ ଏକ ସଂକ୍ଷିପ୍ତ ରାମ କଥା ଉଦ୍ଧାର କରାଯାଇଅଛି । କୁହାଯାଏ ଏହା ଅଷ୍ଟାଦଶ ଶତାବ୍ଦୀରେ ଲିଖିତ ହୋଇଛି । ବାଲ୍ମୀକି ରାମାୟଣ ସହିତ ଏହାର ସାମଞ୍ଜସ୍ୟ ରହିଛି । ଦ୍ୱାଦଶ ଶତାବ୍ଦୀରେ କାମ୍ବୋଡିଆ ରାଜା ଅଙ୍ଗରବଟ ବିଷ୍ଣୁ ମନ୍ଦିରରେ ରାମାୟଣର ଭାବ-ରାବଣ ଯୁଦ୍ଧ, ସୀତାଙ୍କ ଅଗ୍ନି ପରୀକ୍ଷା, ବଳି ବଧ, ଭଳି ଅନେକ ଦୃଶ୍ୟ ଖୋଦିତ ହୋଇଛି । ରାମାୟଣ ସମ୍ବନ୍ଧୀୟ କାରୁକାର୍ଯ୍ୟ କାମ୍ବୋଡିଆର ବଣ୍ଡାଲ ସେଇ ମନ୍ଦିରରେ ଦେଖିବାକୁ ମିଳେ । ଦକ୍ଷିଣ କାମ୍ବୋଡିଆରୁ ସପ୍ତମ ଶତାବ୍ଦୀରେ ଏକ ଧନୁଦ୍ଧାରୀ ବୀର ପୁରୁଷଙ୍କର ମୂର୍ତ୍ତି ମିଳିଛି ଯାହା ପ୍ରଭୁ ଶ୍ରୀରାମଙ୍କର ବୋଲି ଇତିହାସକାରମାନେ ବିଶ୍ୱାସ କରନ୍ତି । କାମ୍ବୋଡିଆର ମଧ୍ୟ ଯୁଗୟୀ ରାଜା ଯଶୋଥ ମିନ ନିଜକୁ ଭଗବାନ ରାମଙ୍କ ଅନୁଗାମୀ ରୂପେ ବର୍ଣ୍ଣନା କରି ଏକ ଶିଳାଲେଖରେ ଉଲ୍ଲେଖ କରିଛନ୍ତି ରାମ ଅଯୋଧ୍ୟା ଶାସନ କଲାପରି ସେ ଜମ୍ବୁପୁରୀକୁ ଶାସନ କରୁଥିଲେ । ଜମ୍ବୁପୁରୀ ବା ବର୍ତ୍ତମାନର କାମ୍ବୋଡିଆକୁ ରାଜତ୍ୱ କରୁଥିବା ରାଜା ରାଜେନ୍ଦ୍ର ବର୍ମନ୯ ୬୭ ଖ୍ରୀଷ୍ଟାବ୍ଦରେ ଏକ ଶିଳାଲେଖରେ ନିଜକୁ ପ୍ରଭୁ ରାମ ଓ ଶତ୍ରୁମାନଙ୍କୁ ବହୁରୂପୀ ରାକ୍ଷସ ମାରିଚ ସହିତ ତୁଳନା କରିଥିଲେ । ଦକ୍ଷିଣ-ପୂର୍ବ ଏସିଆର ଅନ୍ୟତମ ପ୍ରମୁଖ ଦେଶ ଥାଇଲାଣ୍ଡ । ପ୍ରାଚୀନ ସମୟରୁ ଥାଇଲାଣ୍ଡର ଶାସକ, ଜନସାଧାରଣଙ୍କର ରାମ ଓ ରାମାୟଣ ପ୍ରେମ ବହୁ ପୁରାତନ । ସପ୍ତମ ଶତାବ୍ଦୀ ବେଳକୁ ବର୍ତ୍ତମାନର ଥାଇଲାଣ୍ଡରେ 'ଲବୋ' ସାମ୍ରାଜ୍ୟ ଅଭ୍ୟୁଦୟ ହୋଇଥିଲା । ଲବୋ ସାମ୍ରାଜ୍ୟର ପ୍ରଥମ ରାଜା କଳାବର୍ଣ୍ଣାଦିତ୍ୟ ନିଜ ସାମ୍ରାଜ୍ୟକୁ 'ଲଭୋ' ନାମରେ ନାମିତ କରିଥିଲେ । ଏହି ନାମ କରଣ 'ଲବପୁରୀ' ବା ରାମଙ୍କ ପୁତ୍ର ଲବଙ୍କ ନଗରୀ ଦ୍ୱାରା ଅନୁପ୍ରାଣୀତ ହୋଇଥିଲା । ଅନେକ ଐତିହାସିକ ମତରେ ବର୍ତ୍ତମାନ ପାକିସ୍ଥାନ ଅନ୍ତର୍ଗତ ଲାହୋର ସହର ତତ୍‌କାଳୀନ ରାଜଧାନୀ ଆଜି 'ଲୋପାବୁରି' ନାମରେ ପରିଚିତ । ଏକ ମହାମାରୀ ପାଇଁ ଚତୁର୍ଦ୍ଦଶ ଶତାବ୍ଦୀରେ ରାଜଧାନୀ ପରିବର୍ତ୍ତନ କରାଯାଇଥିଲା । ଯେଉଁ ନୂଆ ରାଜଧାନୀ ପ୍ରତିଷ୍ଠା କରାଯାଇଥିଲା ତାହାର ନାମ ଥିଲା ଆୟଧ୍ୟା' ଯାହା ଅଯୋଧ୍ୟରେ ପରିବର୍ତ୍ତିତ ନାମ । ନିଜ ରାଜଧାନୀକୁ ଅୟୁଧ୍ୟାକୁ ନେଇଥିବା ଥାଇଲାଣ୍ଡର ରାଜା ୟୁଥଙ୍କ ନିଜକୁ ଓ ନିଜ ଶାସନ ବ୍ୟବସ୍ଥାକୁ ରାମ ଓ ରାମାୟଣର ରାମରାଜ୍ୟ ସହିତ ଜଡିତ କରିବାକୁ ଚାହିଁଥିଲେ । ସେ ନିଜ ନାମ ଆଗରେ 'ରାମର୍ଥ ବୋଦି-୧' ଉପାଧି ବ୍ୟବହାର କରିଥିଲେ । ତାଙ୍କ ପରବର୍ତ୍ତୀ ରାଜାମାନେ ମଧ୍ୟ ରାମ ନାମକୁ ଗ୍ରହଣ କରିଥିଲେ । ନିଜ ସାମ୍ରାଜ୍ୟକୁ ଆୟୁଧ୍ୟା ବା ଅଯୋଧ୍ୟା ସାମ୍ରାଜ୍ୟ ରୂପେ ପରିଚିତ କରାଇ ଥିଲେ । ୧୭୭୬ ଖ୍ରୀଷ୍ଟାବ୍ଦରେ ଅୟୁଧ୍ୟା ସାମ୍ରାଜ୍ୟର ପତନ ଘଟିଲା । ଚକ୍ରିବଂଶ ଶାସନ କ୍ଷମତାକୁ ଆସିଲା କିନ୍ତୁ ରାଜାଙ୍କ ନାମରେ ରାମନାମ ସଂଯୋଗ ଅପରିବର୍ତ୍ତିତ ରହିଲା । ବର୍ତ୍ତମାନ ମଧ୍ୟ ଥାଇଲାଣ୍ଡର ଶାସକ ମାନେ ରାମ ନାମ ନିଜ ନାମରେ ଯୋଡି ଶାସନ କରୁଛନ୍ତି । ୧୯୧୯ ମସିହା ମେ ମାସ ୪ ତାରିଖ ଦିନ ଥାଇଲାଣ୍ଡର ନୂତନ ରାଜାଙ୍କର ରାଜ୍ୟାଭିଷେକ ହୋଇଥିଲା । ରାଜ୍ୟାଭିଷେକ ପୂର୍ବରୁ ରାଜାଙ୍କ ନାମ ଥିଲା 'ମହାଶ୍ୱର୍ଦ୍ଧର ରୋଙ୍ଗକୋର୍ଣ୍ଣ' । ସେ ରାଜାରାମ ଦଶମ ନାମ ଧାରଣ କରି ଥାଇଲାଣ୍ଡର ସର୍ବୋଚ୍ଚ ଶାସନ କର୍ତ୍ତାଭାବେ ଦାୟୀତ୍ୱ ଗ୍ରହଣ କଲେ । ଅଷ୍ଟାଦଶ ଶତାବ୍ଦୀରୁ ଥାଇଲାଣ୍ଡର ଚକ୍ରିବଂଶର ରାଜାମାନେ ଆଜି ପର୍ଯ୍ୟନ୍ତ ମଧ୍ୟ ରାମ ନାମ ଧାରଣ କରି ପରମ୍ପରା କ୍ରମେ ଶାସନ କରିଆସୁଛନ୍ତି । ଥାଇଲାଣ୍ଡର ରାମକଥାକୁ 'ରାମ କଏନ୍' ବା 'ରାମ କେତନ' ନାମରେ ଅଭିହିତ କରାଯାଏ । ପ୍ରାଚୀନ କାଳରେ ଥାଇଲାଣ୍ଡର ସମସ୍ତ ନାଟକ ରାମାୟଣର ସମସ୍ତ କାହାଣୀ ଉପରେ ଆଧାରିତ ଥିଲା । ସପ୍ତଦଶ ଶତାବ୍ଦୀର 'ରାମ

ଏକତା ହିଁ ବଳ

ସ୍ନିଗ୍ଧା ନାୟକ

କଇଁ ପୋଖରୀକୁ ଲାଗି ରହିଥିବା ଘାସ ପଡ଼ିଆରେ ବିଭିନ୍ନ ଜାତିର ପ୍ରାଣୀ ଯଥା ଗୁଣ୍ଡୁଚି, ଠେକୁଆ, ବେଙ୍ଗ ଏବଂ ଅନେକ ରଙ୍ଗ ବିରଙ୍ଗର ଛୋଟ ଚଢ଼େଇ ରହୁଥିଲେ । ସେମାନେ ପରସ୍ପର ଭିତରେ ସୁଖ ଦୁଃଖ ବାଣ୍ଟି ସୁଖ ଶାନ୍ତିରେ ବସବାସ କରୁଥିଲେ । ସେମାନଙ୍କ ମୁଖିଆ ବୁଢ଼ା କଇଁରା କଇଁଛ ସେଇ ପୋଖରୀରେ ବାସ କରୁଥିଲା । ସେ ସବୁବେଳେ ପ୍ରୟତ୍ନ କରୁଥିଲା ଯେମିତି ସବୁ ପ୍ରାଣୀ ଖୁସିରେ କାଳାତିପାତ କରିବେ ।

ଦିନେ ଗୋଟାଏ ଦୁଷ୍ଟ ସାପ ସେଇ ପଡ଼ିଆରେ ପ୍ରବେଶ କଲା । ସେଇ ଦୁଷ୍ଟର ନାଆଁ ଶଙ୍କୁ ଥିଲା । ଶଙ୍କୁ କୁଖ୍ୟାତ ଥିଲା । ତା' ଦୁଷ୍ଟାମୀ ପାଇଁ ସେ ସବୁ ପ୍ରାଣୀଙ୍କ ମଧ୍ୟରେ କଳହ ଲଗେଇବାରେ ସବୁବେଳେ ବ୍ୟସ୍ତ ରହିଥାଏ । ସେ ଏଇ ଘାସ ପଡିଆରେ ପ୍ରବେଶ କରୁ କରୁ ଦେଖିଲା ଯେ ଏଠାକାର ପ୍ରାଣୀ ମାନଙ୍କ ମଧ୍ୟରେ ଏକତାର ମଜବୁତ୍ ବନ୍ଧନ ଅଛି । ସେ ସୁଯୋଗ ଖୋଜିବୁଲିଲା କେମିତି ସେମାନଙ୍କ ଏକତାରେ ବ୍ୟାଘାତ ସୃଷ୍ଟି କରିବ ।

ଶଙ୍କୁ ବଗିଚାର ଘାସ ପଡିଆ ଉପରେ ଧିରେ ଧିରେ ରଙ୍ଗି ଆଗକୁ ବଢିଲା ଏବଂ ଚତୁରତାର ସହ ସବୁ ପ୍ରାଣୀଙ୍କ କାନରେ ବିଶ୍ୱାସଘାତକତା, ଈର୍ଷାର ମନଗଢା କାହାଣୀ ଶୁଣାଇବାକୁ ଲାଗିଲା । ସେ ସେମାନଙ୍କ ଆଗରେ ମିଥ୍ୟା ଅଭିଯୋଗ ପରସ୍ପରର ବିରୋଧରେ କହିବାକୁ ଲାଗିଲା । ସବୁବେଳେ ସେମାନେ ପରସ୍ପର ଠୁ ଦୂରେଇ କିଭଳି ଅଶାନ୍ତ ରହିବେ ସେ ପ୍ରଚେଷ୍ଟାରେ ରହିଲା ।

କିଛିଦିନ ପୂର୍ବରୁ ଯୋଉ ପଡ଼ିଆରେ ସବୁ ପ୍ରାଣୀଙ୍କ ମଧ୍ୟରେ ଭାଇଚାରା ଥିଲା ଓ ମିଳିମିଶି ରହୁଥିଲେ ସେମାନଙ୍କ ମଧ୍ୟରେ ସନ୍ଦେହ ଘର କରିନେଲା ଓ ଶତ୍ରୁତା ବଢ଼ିବାକୁ ଲାଗିଲା । ଚାରିଆଡ଼େ ଫୁଁ- ଫୁଁଙ୍କାରର ଅଶାନ୍ତ ପରିବେଶ ଘର କରିନେଲା । ଯୋଉ ସାଙ୍ଗମାନେ ନିଜ ନିଜ ମଧ୍ୟରେ ହସଖୁସି ଆଉ ସୁଖଦୁଃଖ ବାଣ୍ଟୁଥିଲେ ବର୍ତ୍ତମାନ ସେମାନେ ପରସ୍ପରକୁ ସନ୍ଦେହ ଭରା ଚକ୍ଷୁରେ ଦେଖିବାକୁ ଲାଗିଲେ । ଯୋଉ ଘାସ ପଡ଼ିଆରେ ସଦା ଶାନ୍ତିର ବାତାବରଣ ଛାଇ ରହିଥିଲା ଏବେ ତାହା ଯୁଦ୍ଧକ୍ଷେତ୍ରରେ ପରିଣତ ହେଇଗଲା ।

ବୁଢ଼ା କଇଁରା କଇଁଛକୁ ଆଭାସ ହେଲା, ଏକ ବଡ଼ ଧରଣର କଳହ ଉପୁଜିବାକୁ ଯାଉଛି ବୋଲି । ଅଶାନ୍ତ ବାତାବରଣରେ ତାର ହସ୍ତକ୍ଷେପ କରିବାର ସମୟ ଆସିଯାଇଛି ବୋଲି ସେ ମନେ ମନେ ବିଚାରିଲା ।



ସବୁ ପ୍ରାଣୀଙ୍କୁ ଏକତ୍ରିତ କରାଇ ସେ ସମ୍ବୋଧିତ କଲା । ଗୋଟାଏ ସ୍ଥିର ସ୍ୱର ନେଇ । ମୋ ପ୍ରିୟ ବନ୍ଧୁମାନେ ଆମ ପଡିଆର ଶାନ୍ତି ଚାଲି ଯାଉଛି ଓ ଧମକ ଦେଇଛି ଯେ ସନ୍ଦେହ ତା' ସ୍ଥାନ ଅଧିକାର କରିଛି ବୋଲି । ଏହା ଏକ ବଡ଼ ସମସ୍ୟା । ତେଣୁ ଆମେ ସମସ୍ତେ ଏକାଠି ହୋଇ ଏହି ସନ୍ଦେହର ବୀଜକୁ ଅଙ୍କୁରୋଦମ ହେବାକୁ ଦେବାନି । ନଚେତ୍ ଏହା ଆମର ପରିବେଶକୁ ବିଷାକ୍ତ କରିଦେଇ ଚାଲିଯିବ, ଯଦ୍ୱାରା ଆମେ ସମସ୍ତେ ପୀଡ଼ିତ ହେବା ।

କଇଁରାର ଏତେ ଜ୍ଞାନ ବିତରଣ ସତ୍ତ୍ୱେ, ସେଠାକାର ନିବାସୀଙ୍କୁ ସଂଘର୍ଷ କରିବାକୁ ପଡିଲା । ଯାହା ଶଙ୍କୁ ସେମାନଙ୍କ ହୃଦୟରେ ରୋପଣ କରିଥିଲା । ସେ ସନ୍ଦେହ ଜାଲରୁ ମୁକୁଳିବା ପାଇଁ ନୀଳ ଚଢ଼େଇ ସମସ୍ତଙ୍କୁ ନିବେଦନ କରି କହିଲା ଚାଲ ସମସ୍ତେ ଏକତ୍ରିତ ହୋଇ ନିଜ ନିଜ ଅନୁଭବ, ସୁଖ, ଦୁଃଖ, ପୀଡ଼ା ସବୁକୁ ପରସ୍ପର ସହ ଖୋଲା ଖୋଲି ବାଣ୍ଟିବା । କଇଁରାର ଉପଦେଶ ଏବଂ ନୀଳ ଚଢ଼େଇର ନିବେଦନକୁ ଅନିଚ୍ଛା ସତ୍ତ୍ୱେ ସବୁପ୍ରାଣୀ ରାଜି ହୋଇଗଲେ । ଯେମିତି ଜଣେ ଜଣେ କରି ସମସ୍ତେ ନିଜ ହୃଦୟର କଥା ଖୋଲି କହିବା ଆରମ୍ଭ କଲେ, ସବୁକିଛି ସ୍ୱଚ୍ଛ ହେଇଗଲା ଆଉ ବୁଝିବାକୁ ବିଳମ୍ବ ହେଲାନି ଯେ ଶଙ୍କୁ ସେମାନଙ୍କୁ ଶୋଷଣ କରିଛି । ସେମାନଙ୍କୁ ଅସୁରକ୍ଷିତ କରାଇ ଏବଂ ସେମାନଙ୍କ ଶାନ୍ତିକୁ ଚୋରି କରି ଅଶାନ୍ତିକୁ ବୃଦ୍ଧି କରିଛି । ସେମାନେ ସମସ୍ତେ ଏକତ୍ରିତ ହୋଇ ନିଷ୍ପତ୍ତି ନେଲେ ଯେ ଶଙ୍କୁର ସବୁ ଦୁଷ୍କାମି ଓ ସେ କରିଥିବା ମିଥ୍ୟା ପ୍ରଚାରକୁ ତା' ସମ୍ମୁଖକୁ ଆଣିବେ ଏବଂ ସମସ୍ତଙ୍କ ଆଗରେ ତାକୁ ଲଜ୍ଜିତ କରାଇବେ । ଶଙ୍କୁ ଦୂରରୁ ସେମାନଙ୍କୁ ଏକତ୍ରିତ ହେବା ଦେଖି ଓ ସେମାନଙ୍କ ଏକତାରୁ ଭୟପାଇ ଚୁପ୍ ଚାପ୍ ସେଇଠୁ ଖସି ପଳାଇବାକୁ ଉଦ୍ୟମ କଲା । ସମସ୍ତ ପ୍ରାଣୀ ମିଶି ତାକୁ ଦୌଡ଼ାଇ ଘଉଡ଼ାଇ ଦେଲେ ଓ ଉପୁଜିଥିବା କଳହ ପାଇଁ ତାକୁ ଚିରଦିନ ପାଇଁ ବିଦାୟ ଦେଲେ ।

ଶଙ୍କୁ ସେ ସ୍ଥାନ ଛାଡି ଚାଲିଗଲା ପରେ ସମସ୍ତେ ଶାନ୍ତିରେ ନିଃଶ୍ୱାସ ନେଲେ ଆଉ ଜାଣି ପାରିଲେ ଯେ ତାଙ୍କ ଏକତା ହିଁ ତାଙ୍କ ବଳ ଓ ସାହାସ । ସେ ଦିନଠୁ କୌଣସି ଅପରିଚିତ ପ୍ରାଣୀର କଥାରେ ଆସି ପରସ୍ପରକୁ ସନ୍ଦେହ କରିବେ ନାହିଁ ବୋଲି ଶପଥ କଲେ । ତାଙ୍କ ମାଗ ଦର୍ଶନ ପାଇଁ ସେମାନେ କଇଁରାକୁ କୃତଜ୍ଞତା ଜଣାଇଲେ ଓ ପୁଣି ଆଗଭଳି ସୁଖ ଶାନ୍ତିରେ ରହିଲେ ।

ଶିକ୍ଷୟତ୍ରୀ, ତାଳଚେର

ଜାତୀୟ ଦିବସ ଜାନୁୟାରୀ ଛବିଶି

ନଳିନୀ ଦାଶ

ଜାନୁୟାରୀ ମାସ ଛବିଶ ତାରିଖ
ଆମ ଜାତୀୟ ଦିବସ
ସାର୍ବଭୌମ ହୋଇ ଭାରତ ମାତାର
ଓଠେ ଫୁଟିଥିଲା ହସ
ଈର୍ଷା ହିଂସା ଦ୍ୱେଷ ଉଚ୍ଚ ନୀଚ ଭାବ
ମନୁ ହେଇଗଲା ଦୂର
ଅହିଂସା ନୀତିକୁ ଧରି ଚାଲୁଥିଲେ
ସର୍ବେ ହୋଇ ଏକାକାର
ଆମ ଭାରତର ଗୁଣ ଗୁଣୀଜନ
ଲେଖିଥିଲେ ସମ୍ବିଧାନ
ପ୍ରଚଳିତ ହେଲା ଆମରି ଦେଶରେ
ଗଣତନ୍ତ୍ରର ଶାସନ

ଧର୍ମ ନିରପେକ୍ଷ ହୋଇଲା ଭାରତ
ଜାତି ଧର୍ମ ନରହିଲା
ତ୍ରିରଙ୍ଗାର ତଳେ ସଭିଏଁ ସମାନ
ଭାଇଚାରା ଭାବ ଦେଲା
ତ୍ରିରଙ୍ଗା ଉଡ଼ିଲା ଫରଫର ହୋଇ
ବୀରତ୍ୱର ଗାଥା ଗାଇ
ଜାତି ଧର୍ମ ବର୍ଣ୍ଣ ସଭିଏଁ ସମାନ
ଏକଥା ଦେଲା ସୂଚାଇ
ଗାନ୍ଧିଜୀ ସୁଭାଷ ଶାସ୍ତ୍ରିଜୀ ନେହେରୁ
ଗୋପବନ୍ଧୁ ଓ ଭଗତ
ଲାଲ ବାଲ ପାଲ ଲକ୍ଷ୍ମଣ, ସୁରେନ୍ଦ୍ର
ଲଢି ଢାଳିଥିଲେ ରକତ

ବଳି ପଡ଼ିଥିଲେ କେତେଯେ ସଂଗ୍ରାମୀ
ଆମ ମାଟି ମାଆ ପାଇଁ
ସ୍ୱାଧୀନତା ରବି ଭାରତ ଆକାଶେ
କିରଣ ବୁଣିଲା ଉଇଁ
ଫିରିଙ୍ଗି ହାତରୁ ଦେଶକୁ ଆଣିଲେ
ଆମ ଭାରତ ସନ୍ତାନ
ପରାଧୀନ ଦିନ ଅପସରି ଗଲା
ଦେଶ ହୋଇଲା ସ୍ୱାଧୀନ
ପାଳିଥାଉ ଆମେ ଭାରତୀୟ ମାନେ
ଏହି ଜାତୀୟ ଦିବସ
ମନେ ରଖିଅଛୁ ବୀରଙ୍କର ଗାଥା
ସେ ସ୍ୱର୍ଣ୍ଣିମ ଇତିହାସ ।

ଭିକାରିପଡା, ଶରଣକୁଳ, ନୟାଗଡ଼
ଦୂରଭାଷ-୬୩୭୦୦୯୫୨୪୧

ସ୍ୱାଧୀନ ଆମେ ଆଜି

ପ୍ରଫୁଲ୍ଲ କୁମାର ସାହୁ

ଦେଖ ଆମେରେ ଭାରତବାସୀ
ସଭିଏଁ ଆଜି କେତେଯେ ଖୁସି
ସ୍ୱାଧୀନ ଆମେ ଆଜି,
ପରାଧୀନତା ବେଡ଼ି ବନ୍ଧନ
ଯାଇଛି ପରା ଭାଜି । ୧

ଜାତୀୟ ଧ୍ୱଜା ଉଡ଼େ ଆକାଶେ
ସ୍ୱାଗତ କରୁ ଆମେ ହରସେ
ଯେଉଁଠି ଯିଏ ଥାଉ,
କୋଟିଏ କଣ୍ଠେ ଗୋଟିଏ ସୁରେ
ତା' ଜୟଗୀତି ଗାଉ । ୨

ଜାତି ଧରମ ବାଡକୁ ଭାଙ୍ଗି
ଆମେ ସଭିଏଁ ଏ ଦେଶ ଲାଗି
କରୁ ନିଜର କାମ,
ନିଜ କାମରେ ସାରା ବିଶ୍ୱରେ
ରଖିବୁ ଦେଶ ନାମ । ୩

ଭାରତ ଆମ ଜନମ ଭୂଇଁ
ମାଟି ମାଆର ଦେହକୁ ଛୁଇଁ
ଶପଥ ଆମେ ନେବା,
ଦେଶ ସେବାରେ ନିଜ ଜୀବନ
ଆମେ ସମର୍ପି ଦେବା । ୪

ଆମ ଭାରତ ସାରା ବିଶ୍ୱରେ
ଅହିଂସା ନୀତି ପ୍ରଚାର କରେ
ଗରବେ ଟେକି ମଥା,
ସାରା ବିଶ୍ୱକୁ ଦେଉଛୁ ଆମେ
ନିତି ଯେ ନୂଆ ବାର୍ତ୍ତା । ୫

ପ୍ରଧାନ ଶିକ୍ଷକ, ନାହାଙ୍ଗ ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,
ମାହାଙ୍ଗା, କଟକ - ୭୫୪୨୦୭
ମୋ- ୭୬୦୯୦୪୪୩୮୩

ତ୍ରିରଙ୍ଗା

ଆଦ୍ୟାଶା ମହାପାତ୍ର

ତ୍ରିରଙ୍ଗା ଆମର ଉଡ଼େ ଫରଫର
ଗାଏ ସ୍ୱରାଜର ମନ୍ତ୍ର
ଆହ୍ୱାନ ଦିଅଇ ଦେଶ ସେବା ପାଇଁ
କରରେ ସର୍ବେ ଶପଥ

କହେ ତ୍ୟାଗପୂତ ହୋଇଲେ ଅନ୍ତର
ସମ୍ଭବ ସିନା ବିକାଶ
ଅହିଂସା ମାର୍ଗରେ ଚାଲିଲେ ସଭିଏଁ
ଘୁଞ୍ଚିଯିବ ଦୁଃଖ କ୍ଲେଶ

ଶାଶ୍ୱତ ସୁନ୍ଦର ହୋଇବ ସମ୍ପର୍କ
ବିରାଜିତ ହେବ ଶାନ୍ତି
ପ୍ରତିଟି ଜୀବନ ହେବ ନିରାମୟ
ତୁଟିଯିବ ଭୟ ଭ୍ରାନ୍ତି

ବିଶାଳ ଭୂଖଣ୍ଡ ଏଇ ଆମ ଦେଶ
ଦୃଢ଼ ଯହିଁ ଗଣତନ୍ତ୍ର
ସଭିଏଁ ସମାନ ଆଇନ ଆଗରେ
ସିଦ୍ଧ ହୁଏ ଯାହା ସତ୍ୟ

ତ୍ରିରଙ୍ଗା ଆମରି ଜାତୀୟ ପତାକା
ଆମରି ଅସ୍ମିତା ଗର୍ବ
ଏଇ ଦେଶ ଆମ ଶାଶ୍ୱତ ସୁନ୍ଦର
ଅନୁଭୂତ ସୁଖ ସ୍ୱର୍ଗ

ଆଜି ଏ ଦେଶର କୋଣେ ଅନୁକୋଣେ
ପୁଲକିତ ପ୍ରତି ପ୍ରାଣ
ମନୋଜ୍ଞ ମଧୁର ଜାତୀୟ ସଙ୍ଗୀତ
ମନେ ଭରେ ସ୍ୱାଭିମାନ

ଏ ଦେଶର ଆମେ କୋଟିଏ ସନ୍ତାନ
ସେଇ ଆମ ପରିଚୟ
ଭୁଲି ଜାତି ଧର୍ମ ବର୍ଣ୍ଣ ସମ୍ପ୍ରଦାୟ
କର ତ୍ରିରଙ୍ଗାର ଜୟ ।

ନୂଆପଡା, କଟକ

ଆହ୍ୱାନ ହାତରେ ପତାକାଟିଏ

ନୀଳମଣି ଚାନ୍ଦ

ଆହ୍ୱାନ ହାତରେ ପତାକାଟିଏ
ଚାଲିଛି ଆଗରେ ଧରିକି ସିଏ
ଏ ଆମ ତ୍ରିରଙ୍ଗା କହିଲା କିଏ
ଫରଫର ହୋଇ ଉଡଇ ଯିଏ

ଆଜି ଜାନୁୟାରୀ ଛବିଶ ସିନା
'ଗଣତନ୍ତ୍ର ଦିବସ' ଭାବେ ଚିହ୍ନା
କେତେ ସ୍ଲୋଗାନ ତ ଦିଏରେ ରିନା
ଜନ-ଗଣ-ମନ ଗାଏରେ ମୀନା

ମନାଉଛି ଆଜି ସହର,ପଲ୍ଲୀ
ଉତ୍ସବମୁଖର ହୋଇଛି ଦିଲ୍ଲୀ
ଦେଖିଲି ତ୍ରିରଙ୍ଗା ଯୁଆଡ଼େ ଗଲି
ପବନେ ଉଡଇ ସେ ହଲିହଲି

ଜାତୀୟ ସଂଗ୍ରାମ କଥା ସେ ଜାଣେ
ଇତିହାସ ଗାଥା ମନରେ ଆଣେ
ଖଦି କପଡ଼ାରେ ନେତ ନିର୍ମିତ
ପିଙ୍ଗଳି ଭେଙ୍କୟା କଲେ ପ୍ରସ୍ତୁତ

ନାରଙ୍ଗୀ, ଧଳା ଓ ସବୁଜ ରଙ୍ଗ
ମଝିରେ ଅଶୋକ ଚକ୍ର ତା ସଙ୍ଗ
ଦୈର୍ଘ୍ୟ ତିନିଗୁଣ ପ୍ରସ୍ଥରେ ଦୁଇ
ଏମିତି ପ୍ରସ୍ତୁତ ହୋଇଛି ସେହି

ଧରି ଚାଲେ ମନେ ନାହିଁ ତା ଡର
ମନୁଁ ଝରେ ଦେଶପ୍ରେମର ଝର
ସଭିଙ୍କୁ କହେ ସେ ଶପଥ କର
'ଦେଶକାମ' ଆଗ ଏ ମନ୍ତ୍ର ଧର ।

ଭୁବନେଶ୍ୱର
ମୋ:୯୫୮୩୨୦୨୩୫୭

ଜାତୀୟ ପତାକା

ଜଗଦୀଶ ସାହୁ

ଏମିତି ସେମିତି ପତାକା ନୁହେଁ ସେ
କିଣିଆଣି ତାକୁ ଉଡେଇ ଦେବ
ତା' ଭିତରେ ଅଛି ଯେଉଁ ସୂକ୍ଷ୍ମ ତତ୍ତ୍ୱ
ସଚ୍ଚା ଭାରତୀୟ ବୁଝି ପାରିବ !
ପତାକା ଉପରେ ନାରଙ୍ଗୀ ରଙ୍ଗରେ
ତ୍ୟାଗ ଓ ବୀରତ୍ୱ ଲୁଚି ରହିଛି
ମଝି ଧଳାରଙ୍ଗ ସତ୍ୟ ଓ ଶାନ୍ତିର
ପ୍ରତୀକ ଭାବରେ ଶୋଭା ପାଉଛି
ସବୁଜ ରଙ୍ଗଟି ସବାତଳେ ଥାଇ
ସୂଚାଇ ଦେଉଛି ସମୃଦ୍ଧି ଭାବ !
ପତାକା ମଝିରେ ଅଶୋକ ଚକ୍ରଟି
ଧର୍ମ, ପ୍ରଗତୀର ସୂଚନା ଦିଏ
ପିଙ୍ଗଳି ଭେଙ୍କୟା ପ୍ରସ୍ତୁତ କରିଲେ
ଜାତୀୟ ପତାକା ମାନ୍ୟତା ପାଏ
ଆକାଶକୁ ଛୁଇଁ ଫରଫର ହୋଇ
ଉଡୁଛି ତ୍ରିରଙ୍ଗା ଆମ ଗୌରବ !

ସଂଜପଡା, ହିଞ୍ଜୋଳ,
ଢେଙ୍କାନାଳ- ୭୫୯୧୨୮
ମୋ-୯୦୭୮୧୮୫୬୧୬

ଜନରାଜ୍ୟ ଦିବସ

ନିରଞ୍ଜନ ସାହୁ

ଆସ ଆସ ଭାଇଭଉଣୀ
ହାତେ ତ୍ରିରଙ୍ଗା ଧରି
ଆଜି ଗଣତନ୍ତ୍ର ଦିବସ
ଖୁସି ଯାଉଛି ଝରି

ସାଧାରଣତନ୍ତ୍ର ଦିବସ
ନାମେ ଏ ପରିଚିତ
ସମ୍ବିଧାନ କାର୍ଯ୍ୟକାରୀ ଯେ
ହୁଏ ଦେଶର ହିତ

ଅଟେ ଜନରାଜ୍ୟ ଦିବସ
ଏହାର ଅନ୍ୟ ନାମ
ସମ୍ବିଧାନ ପ୍ରଚଳିତ ଯେ
ହେଲା ଦେଶରେ ଆମ

ଉଣେଇଶି ଶହ ପଚାଶ
ମସିହା ଆଜ ଦିନେ
ଦେଶ ସମ୍ବିଧାନ ମାନିଲା
ନୀତି ନୁହେଁ ତା ବିନେ

ବି. ଆର. ଆମ୍ବେଦକର ଯେ
ସମ୍ବିଧାନ ପ୍ରଣେତା
ବଡ଼ ସମ୍ବିଧାନ ଅଟଇ
ସାରା ବିଶ୍ୱ ଜାଣେ ତା

ବ୍ୟବସ୍ଥାପିକାର ସହିତେ
କାର୍ଯ୍ୟପାଳିକା କଥା
ନ୍ୟାୟପାଳିକା ବି ରହିଛି
ବିଧିବ୍ୟବସ୍ଥା ଯଥା

ଧାରା, ଉପଧାରା ରହିଛି
ମୌଳିକ ଅଧିକାର
ଜାତୀୟ କର୍ତ୍ତବ୍ୟ ରହିଛି
ବ୍ୟବସ୍ଥା ସରକାର

ସଂସଦ, ବିଧାନସଭା ଯେ
ବିଧାନ ପରିଷଦ
ରାଷ୍ଟ୍ରପତି ରାଷ୍ଟ୍ରମୁଖ୍ୟ ଯେ
ବୁଝିଥାଅ ବିଶଦ

ଉଚ୍ଚତମ ନ୍ୟାୟାଳୟ ଯେ
ଉଚ୍ଚ ନ୍ୟାୟାଳୟଟି
ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ ଯେ
ସଚିବ ଆଳୟଟି

ପ୍ରଧାନମନ୍ତ୍ରୀଙ୍କ ସହିତେ
ମନ୍ତ୍ରୀମଣ୍ଡଳ ଗଢା
କେନ୍ଦ୍ରର ଶାସିତ ଅଞ୍ଚଳ
ରାଜ୍ୟ ବ୍ୟବସ୍ଥା ପଢା

ଧର୍ମନିରପେକ୍ଷ ବ୍ୟବସ୍ଥା
ସମାଜବାଦ ନୀତି
ସାଧାରଣତନ୍ତ୍ର ସହିତ
ସାର୍ବଭୌମ୍ୟର ରୀତି

ସମ୍ବିଧାନ ମାନି ଚଳିବା
ନାଗରିକ ଯେତେକ
ଦେଶ ଆମ ପାଇଁ ମହାନ
ଆମେ ଅବା କେତେକ ।

ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ - ୭୫୯୦୧୬
ମୋ - ୯୯୩୮୭୪୧୫୮୩

ଘଣ୍ଟା ଚାଲେ ଟିକ୍ ଟିକ୍

ସୁରମା ମିଶ୍ର

ଘଣ୍ଟା ଚାଲେ ଟିକ୍ ଟିକ୍
ସମୟ କହେ ଠିକ୍ ଠିକ୍
ସମୟର ସାଥେ ତାଳ ଦେଇ ଆମେ
ଚାଲିବା ନପଡ଼ି ଥକି

ସମୟ ଟା ଗତି ଯାଏ
ଅପେକ୍ଷା ନ କରେ ସିଏ
ଯିଏ ତା ସାଥିରେ ଚାଲି ନ ପାରିବ
ପଛରେ ପଡ଼ିବ ସିଏ

ସମୟ ଟା ବଳବାନ
କିଏ ହେବ ତାର ସମାନ
ସମୟାନୁବର୍ତ୍ତି ହୋଇ ଚାଲିଲେରେ
ଅରଜିବା ଯଶ ଜ୍ଞାନ

ସମୟ ଯାଏ ଆଗେଇ
ପଛକୁ ସେ ଫେରେ ନାହିଁ
ଏତିକି ତା ଠାରୁ ଶିଖିବା ଆମେରେ
ପଛଘୁଞ୍ଚା ଦେବା ନାହିଁ

ଆଗକୁ ପାଦ ବଢାଇ
ପଛକୁ ଚାହିଁବା ନାହିଁ
ଯେତେ କଣ୍ଟକିତ ହେଉ ପଛେ ପଥ
କେବେ ଥକି ଯିବା ନାହିଁ ।

ବିଏଲ-୩୯, ଭିଏସଏସ ନଗର,
ଭୁବନେଶ୍ୱର
ମୋ-୯୮୫୩୩୪୩୯୬୫

ସ୍ୱାମୀଜୀଙ୍କ ଅଭିମନ୍ତ୍ରରେ ଦୀକ୍ଷିତ ନେତାଜୀ ସୁଭାଷ

ପ୍ରଭାତ କୁମାର ମହାପାତ୍ର

ଯେତେବେଳେ ଆମ ଭାରତ ମାତା ନୃଶଂସ ଇଂରେଜ ମାନଙ୍କ ଅତ୍ୟାଚାରରେ ଅତିଷ୍ଠ ହୋଇପଡ଼ିଥିଲା, ବିଦେଶୀ ମାନଙ୍କ ହାତରେ ମାତୃଭୂମି ଚିର ବନ୍ଦିନୀ ହୋଇ ରହିଥିଲା, କୋଟି କୋଟି ସରଳ, ନିରୀହ ଭାରତବାସୀ ହନ୍ତସନ୍ତ ହୋଇ ଘୋର ଦୁର୍ଦ୍ଦିନ ସହ୍ୟ କରି ବିଦେଶୀଙ୍କ ଶାସନରେ ତହଲ ବିକଳ ହେଉଥିଲେ, ଠିକ୍ ଏହି ଘଡି ସନ୍ଧି ମୁହୂର୍ତ୍ତରେ ଆମ ପ୍ରିୟ ଭାରତ ମାତା କୋଳରେ ଜଣେ ମହାନ ସାହସୀ ଯୋଗଜନ୍ମା, ପଥ ପ୍ରଦର୍ଶକ, ଉଦ୍ଧାରକର୍ତ୍ତା ତଥା ଜଣେ ମହାନ ଯୋଦ୍ଧାଙ୍କୁ ଜନ୍ମ ଦେଇଥିଲା, ସେ ଥିଲେ ଓଡ଼ିଶାର ଐତିହାସିକ ସହର କଟକର ପ୍ରସିଦ୍ଧ ଓଡ଼ିଆ ବଜାରରେ ୧୮୯୭ ମସିହା ଜାନୁଆରୀ ୨୩ ତାରିଖରେ ଜନ୍ମିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷ । ପିଲାଟି ବେଳୁ ହିଁ ଦେଶ ପ୍ରେମର ଅଗ୍ନି ତାଙ୍କ ମନରେ ଜଳୁଥିଲା । ସେତେବେଳର ରେଭେନ୍ସା କଲେଜିଏଟ ସ୍କୁଲର ସୁନାମଧନ୍ୟ ପ୍ରଧାନଶିକ୍ଷକ ବେଣୁ ମାଧବ ଦାସ ଆଧ୍ୟାତ୍ମିକଭରା ଉପଦେଶ ଦେଇ ଶିଷ୍ୟ ସୁଭାଷଙ୍କ ମନରେ ଥିବା ନୈତିକ ମୂଲ୍ୟବୋଧକୁ ପ୍ରସ୍ଫୁଟିତ କରିପାରିଥିଲେ । ବିଶେଷ କରି ସ୍ୱାମୀ ବିବେକାନନ୍ଦଙ୍କ ଅମୂଲ୍ୟ ଯୁଗୋପଯୋଗୀ ବାର୍ତ୍ତା ସୁଭାଷଙ୍କ କୈଶୋର ମନୋଭାବକୁ ଆନ୍ଦୋଳିତ କରି ଜଣେ ନିର୍ଭୀକ ସ୍ୱାଧୀନତା ସଂଗ୍ରାମୀ ତଥା ପରମ ଦେଶଭକ୍ତ ରୂପେ ଗଢି ତୋଳି ଥିଲା । ସ୍ୱାମୀ ବିବେକାନନ୍ଦଙ୍କ ସେହି ଓଜସ୍ୱିନୀ ବାଣୀ ଯାହା ସେ ଗୁରୁ ଗମ୍ଭୀର ଭାବେ ଉଚ୍ଚାରଣ କରୁଥିଲେ, ଉତ୍ତିଷ୍ଠିତ ! ଜାଗ୍ରତ ! ପ୍ରାପ୍ୟ ବରାନ ନିବୋଧତ ! ତାହା ନେତାଜୀଙ୍କ ହୃଦୟ ତନ୍ତ୍ରୀରେ ମର୍ମେ ମର୍ମେ ଉଦ୍ ଘୋଷିତ ହୋଇଥିଲା । ସ୍ୱାମୀଜୀ ଦେଶ ମାତୃକାର ଭାବନାକୁ ଜାଗ୍ରତ ଓ ମହିମାମୟ କରିବା ପାଇଁ ଯେଉଁ ପ୍ରେରଣା ଓ ପ୍ରରୋଚନା ଦେଇ ଯାଇଥିଲେ ତାହାକୁ ନେତାଜୀ ସୁଭାଷ ଅତି ନିଖୁଣ ଭାବେ ନିଷ୍ଠାର ସହ ପ୍ରତି ପାଳନ କରିଥିଲେ । ସ୍ୱାମୀଜୀଙ୍କ ଆହ୍ୱାନରେ ତାଙ୍କ ବିପ୍ଳବୀ ମନୋଭାବ ଚିର ଜାଗ୍ରତ ଓ ପ୍ରକମ୍ପିତ ହୋଇ ଉଠିଲା । ଫଳରେ ସେ ମାତୃଭୂମିର ରକ୍ଷା ଓ ସ୍ୱାଧୀନତା ହାସଲ ପାଇଁ ଦୃଢ଼ ପରିକର ଓ ସଂକଳ୍ପ ଗ୍ରହଣ କରି ତାଙ୍କର ଆଧ୍ୟାତ୍ମିକ ଓ ରାଜନୈତିକ ଜୀବନର ଶୁଭାରମ୍ଭ କରିଥିଲେ । ସମଗ୍ର ଜଡତା ଓ ଅନ୍ଧକାରକୁ ଭେଦ କରି ପୂର୍ବାକାଶରେ ସୂର୍ଯ୍ୟ ଦେବ ଉଦୟ ହେଲା ପରି ସ୍ୱାମୀଜୀଙ୍କ ବାଣୀରେ ଉଦ୍‌ବୁଦ୍ଧ ହୋଇ ଜଗତର କଲ୍ୟାଣ ପାଇଁ ସ୍ୱାଧୀନତା ଆନ୍ଦୋଳନରେ ଲମ୍ଫ ପ୍ରଦାନ କଲେ । ନେତାଜୀ କହୁଥିଲେ, ଆଜି ଯଦି ସ୍ୱାମୀଜୀ ଜୀବିତ ଥାଆନ୍ତେ, ତାହେଲେ ତାଙ୍କୁ ମୁଁ ନିଜର ଗୁରୁ ବୋଲି ଗ୍ରହଣ କରିଥାଆନ୍ତି । ସ୍ୱାମୀଜୀଙ୍କ ଆଦର୍ଶରେ ଏତେ ମାତ୍ରାରେ ଅନୁପ୍ରାଣିତ ହୋଇଥିଲେ ଯେ, ସେ ନିଜର ଘର ଓ ମହା ବିଦ୍ୟାଳୟର ଶିକ୍ଷା ଛାଡି ଦେଇ ଜଣେ ବନ୍ଧୁଙ୍କ ସହ ହିମାଳୟ ଅଭିମୁଖେ ସନ୍ୟାସ ଧର୍ମ ଗ୍ରହଣ କରିବାକୁ ଅଗ୍ରସର ହୋଇଥିଲେ । ସେ ତାଙ୍କର ଜଣେ ବନ୍ଧୁଙ୍କୁ ଚିଠିରେ ଲେଖିଥିଲେ, ଶ୍ରୀ ର

ଆଜି ଇଣ୍ଡିଆ-ଇଂଲଣ୍ଡ ପ୍ରଥମ ଟେଷ୍ଟ

୧୨ ବର୍ଷର ରେକର୍ଡକୁ କାଏମ୍ ଲକ୍ଷ୍ୟରେ ରୋହିତ ବାହିନୀ

ହାଇଦ୍ରାବାଦ୍

ଗୁରୁବାରଠୁ ଆରମ୍ଭ ହେବ ଟେଷ୍ଟ ସିରିଜ୍। ଭାରତ-ଇଂଲଣ୍ଡ ଟିମ୍ ମଧ୍ୟରେ ଆରମ୍ଭ ହେବ ଏହି ୫ଟିକିଆ ଟେଷ୍ଟ ସିରିଜ୍। ଏଥିପାଇଁ ଉଭୟ ଦଳ ଜୋରଦାର ଅଭ୍ୟାସ କରୁଛନ୍ତି। ହାଇଦ୍ରାବାଦ୍‌ର ରାଜୀବ ଗାନ୍ଧୀ ଇଣ୍ଟରନ୍ୟାସନାଲ୍ ଷ୍ଟାଡିୟମ୍‌ରେ ଖେଳାଯିବ ପ୍ରଥମ ମ୍ୟାଚ୍।

ଭାରତୀୟ ଟିମ୍ ପ୍ରଥମ ଦୁଇ ଟେଷ୍ଟ ପାଇଁ ଦଳ ଘୋଷଣା କରିସାରିଛି। ହେଲେ ପରବର୍ତ୍ତୀ ସମୟରେ ବ୍ୟକ୍ତିଗତ କାରଣ ଦର୍ଶାଇ ବିରାଟ କୋହଲି ପ୍ରଥମ ଦୁଇଟି ଟେଷ୍ଟ ନିଜ ନାମକୁ ଫେରାଇ ନେଇଥିଲେ। ବିରାଟଙ୍କ ଅନୁପସ୍ଥିତି ମିଡିଲ୍ ଅର୍ଡର ପାଇଁ ଚିନ୍ତା ବଢାଇପାରେ। କିନ୍ତୁ କୋଚ୍ ଓ ଅଧିନାୟକଙ୍କ ନୂଆ ରଣନୀତି ଟିମ୍ ପାଇଁ ବେଶ୍ ସହାୟକ ହୋଇପାରେ।

ସେପଟେ ଭ୍ରମଣକାରୀ ଦଳ (ଇଂଲଣ୍ଡ) ମଧ୍ୟ ଭାରତରେ ପହଞ୍ଚି ଜୋରଦାର ଅଭ୍ୟାସ କରିଛି। ଭାରତ ମାଟିରେ କିପରି ଟିମ୍ ଇଣ୍ଡିଆକୁ ଚକ୍‌ମା ଦେବ ସେଥିପାଇଁ ରଣନୀତି ପ୍ରସ୍ତୁତ କରୁଛି। ଖାସ୍ କରି ବାଜ୍‌ବଲ୍ ରଣନୀତିରେ ବିରୋଧୀ ଟିମ୍‌କୁ ଚକ୍‌ମା ଦେବାକୁ ଭାବୁଛି ବଟଲ୍‌ର ବାହିନୀ। ହେଲେ ଏହା ଭାରତୀୟ ମାଟିରେ କେତେ ଦୂର ସଫଳ ହେବ ତାହା ଦେଖିବାକୁ ବାକି ରହିଲା।

ସେହିପରି ଦେଖିବାକୁ ଗଲେ ଘରୋଇ ମାଟିର ରେକର୍ଡ ଭାରତ ସପକ୍ଷରେ ରହିଛି। ଗତ ୧୨ ବର୍ଷ ହେଲା ଭାରତୀୟ ଦଳ ଘରୋଇ ମାଟିରେ କୌଣସି ସିରିଜ୍ ହାରିନାହିଁ। ଶେଷ ଥର ପାଇଁ ଇଂଲଣ୍ଡ ଟିମ୍ ୨୦୧୨ରେ ଭାରତୀୟ ଟିମ୍‌କୁ ପରାସ୍ତ କରିଥିଲା। ଏହା ପରଠାରୁ ଭାରତୀୟ ଟିମ୍ ଅନ୍ୟ କୌଣସି ବି ସିରିଜ୍ ଘରୋଇ ମାଟିରେ ହାରିନାହିଁ। ତେଣୁ ସିରିଜ୍‌ରେ ଉଭୟ ଟିମ୍‌ଙ୍କ ମଧ୍ୟରେ ଜୋରଦାର ଲଢେଇ ହେବାର ଆଶଙ୍କା ରହିଛି।

୨ୟ ଥର ପାଇଁ ଟି-୨୦ କ୍ରିକେଟ୍‌ର ଅଫ ଦି ଇୟର ହୋଇ ଇତିହାସ ରଚିଲେ ସୂର୍ଯ୍ୟକୁମାର

ନୂଆଦିଲ୍ଲୀ

ଭାରତର ଷ୍ଟାର ବ୍ୟାଟର ସୂର୍ଯ୍ୟକୁମାର ଯାଦବ ଆଇସିସି ଟି-୨୦ ଇଣ୍ଟରନ୍ୟାସନାଲ କ୍ରିକେଟ୍‌ର ଅଫ ଦ ଇୟର ୨୦୨୩ ଆୱାର୍ଡ ନିଜ ନାଁରେ କରିଛନ୍ତି। ଆଇସିସି ବୁଧବାର ଏହି ଘୋଷଣା କରିଛି। ଏହାସହ ସୂର୍ଯ୍ୟ ନିଜର ନାଁରେ ଏକ ବଡ଼ ରେକର୍ଡ କରିଛନ୍ତି। ଦୁଇଥର ଆଇସିସି ପୁରୁଷ ଟି-୨୦ ଅନ୍ତରାଷ୍ଟ୍ରୀୟ କ୍ରିକେଟ୍‌ର ଅଫ ଦି ପୁରସ୍କାର ଜିତିବାରେ ଏକମାତ୍ର ଭାରତୀୟ ଖେଳାଳି ହୋଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ ଗତଥର ବି ସୂର୍ଯ୍ୟକୁମାର ଏହି ଆୱାର୍ଡ ଜିତିଥିଲେ। ଚଳିତ ଥର ସୂର୍ଯ୍ୟକୁମାର ଯାଦବ, ନୋମିନେସନରେ ଥିବା ଜିମ୍ବାୱେର ସିକନ୍ଦର ରଜା,

ନ୍ୟୁଜିଲାଣ୍ଡର ମାର୍କ ଚପମ୍ୟାନ ଏବଂ ୟୁଗାଣ୍ଡାର ଅଲପେଶ୍ ରାମଜାନୀଙ୍କୁ ପଛରେ ପକାଇ ଦ୍ୱିତୀୟ ଥର ଏହି ପୁରସ୍କାର ଜିତିଛନ୍ତି।

ସୂର୍ଯ୍ୟକୁମାର ଦୀର୍ଘ ସମୟରୁ ଆଇସିସି ଟି-୨୦ ର୍ୟାଙ୍କିଂର ଶୀର୍ଷ ସ୍ଥାନରେ ଅଛନ୍ତି। ସେ ଗତ ବର୍ଷ କ୍ରିକେଟର ଛୋଟିଆ ଫର୍ମାଟରେ କମାଲ କରିଥିଲେ। ୨୦୨୩ରେ ୧୭ ଟି-୨୦ ଅନ୍ତରାଷ୍ଟ୍ରୀୟ ମ୍ୟାଚ୍‌ରେ ୪୮.୮୬ ହାର ଏବଂ ୧୫୫.୯୫ ଷ୍ଟ୍ରାଇକ୍ ରେଟ୍‌ରେ ୭୩୩ ରନ କରିଥିଲେ। ଏଥିରେ ଦୁଇଟି ଶତକ ଏବଂ ୫ଟି ଅର୍ଦ୍ଧଶତକ ରହିଛି।

ସୂର୍ଯ୍ୟକୁମାର ଗତ ବର୍ଷ ଅଷ୍ଟ୍ରେଲିଆ ଏବଂ ସାଉଥ୍ ଆଫ୍ରିକା ବିପକ୍ଷ ଟି-୨୦ ସିରିଜ୍‌ର ଅଧିନାୟକ ହୋଇଥିଲେ। ତାଙ୍କ ନେତୃତ୍ୱରେ ଟିମ୍ ଇଣ୍ଡିଆ, ଅଷ୍ଟ୍ରେଲିଆକୁ ୪-୧ରେ ପରାସ୍ତ କରିଥିଲା। ସେହିପରି ଦକ୍ଷିଣଆଫ୍ରିକା ବିରୋଧରେ ତିନି ମ୍ୟାଚ୍ ସିରିଜ୍‌କୁ ୧-୧ରେ ଡ୍ର' କରିଥିଲା। ଉଲ୍ଲେଖଯୋଗ୍ୟ ଯେ ହ୍ୟାଲି ମେଥ୍ୟୁଜଙ୍କୁ ଆଇସିସି ମହିଳା ଟି-୨୦ ଇଣ୍ଟରନ୍ୟାସନାଲ କ୍ରିକେଟର ଅଫ ଦ ଇୟର ଘୋଷଣା କରିଥିଲା।

ଭାରତ ବିପକ୍ଷ ପ୍ରଥମ ଟେଷ୍ଟ ପାଇଁ ଇଂଲଣ୍ଡର ଚୂଡ଼ାନ୍ତ ଏକାଦଶ, ଜେମ୍ସ ଆଣ୍ଡରସନ ବାଦ

ନୂଆଦିଲ୍ଲୀ

ଭାରତ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚ୍ ପାଇଁ ଇଂଲଣ୍ଡ ଟିମ୍ ଚୂଡ଼ାନ୍ତ ଏକାଦଶ ଘୋଷଣା କରିଛି। ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜର ପ୍ରଥମ ମ୍ୟାଚ୍ ଗୁରୁବାରରୁ ହାଇଦ୍ରାବଦରେ ଖେଳାଯିବ। ତେବେ ଇଂଲଣ୍ଡ ନିଜର ଅନୁଭବୀ ଦ୍ରୁତ ବୋଲର ଜେମ୍ସ ଆଣ୍ଡରସନଙ୍କୁ ଭାରତ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚରେ ସାମିଲ କରି ନାହିଁ। ଇଂଲଣ୍ଡ ଟିମ୍ ହାଇଦ୍ରାବାଦରେ ହେବାକୁ ଥିବା ଟେଷ୍ଟ ମ୍ୟାଚ୍ ପାଇଁ ଅଧିକରୁ ଅଧିକ ସ୍ପିନରଙ୍କୁ ସୁଯୋଗ ଦେଇଛି। ଟମ୍ ହାର୍ଟଲି ନିଜର ଅନ୍ତରାଷ୍ଟ୍ରୀୟ ଡେବ୍ୟୁ ମ୍ୟାଚ୍

ଖେଳିବେ।

ଇଂଲଣ୍ଡର ପ୍ଲେଇଂ ଇଲେଭେନରେ ମାର୍କ ଉଡ୍ ଏକମାତ୍ର ଦ୍ରୁତ ବୋଲର ଭାବେ ସ୍ଥାନ ପାଇଛନ୍ତି। ଜ୍ୟାକ ଲିଚ୍, ଟମ୍ ହାର୍ଟଲି ଏବଂ ହେରାନ ଅହମଦ ଟିମ୍ ସ୍ପିନର ଅଛନ୍ତି। ଇଂଲଣ୍ଡର ସବୁଠୁ ଅନୁଭବୀ ବୋଲର ଜେମ୍ସ ଆଣ୍ଡରସନଙ୍କୁ ଭାରତ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚ ପାଇଁ ଚୂଡ଼ାନ୍ତ ଏକାଦଶରେ ଚୟନ କରାଯାଇ ନାହିଁ। ଟେଷ୍ଟ କ୍ରିକେଟରେ ୬୯୦ ୱିକେଟ ହାସଲ କରିଥିବା ଆଣ୍ଡରସନ ୨୦୨୩ ଆସେସ୍ ସିରିଜରେ ଭଲ ପ୍ରଦର୍ଶନ କରିପାରି ନଥିଲେ।

ପ୍ରଥମ ମ୍ୟାଚ୍ ପାଇଁ ଇଂଲଣ୍ଡର ଚୂଡ଼ାନ୍ତ ଏକାଦଶ : ଜ୍ୟାକ କ୍ରଲି, ବେନ ଡକେଟ୍, ଓଲି ପୋପ୍, ଜୋ ରୁଟ୍, ଜନି ବେୟରୋଷ୍ଟୋ, ବେନ ଷ୍ଟକ (ଅଧିନାୟକ), ବେନ ଫୋକ୍ସ, ରେହାନ ଅହମ୍ମଦ, ଟମ୍ ହାର୍ଟଲି, ମାର୍କ ଉଡ୍, ଜ୍ୟାକ ଲିଚ୍।

ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ ପାଇଁ ବିରାଟଙ୍କ ବଦଳରେ ରଜତ ପଟିଦାରଙ୍କୁ ଟିମ୍ ଇଣ୍ଡିଆରୁ ଡକରା

ମୁମ୍ବାଇ

ଇଂଲଣ୍ଡ ବିପକ୍ଷରେ ୨୫ ଜାନୁୟାରୀରୁ ଆରମ୍ଭ ହେବାକୁ ଯାଉଛି ଟେଷ୍ଟ ସିରିଜ୍। ତେବେ ପ୍ରଥମ ୨ଟି ମ୍ୟାଚ୍ ଖେଳିବେନି ଟିମ ଇଣ୍ଡିଆର ଷ୍ଟାର ବ୍ୟାଟର ବିରାଟ କୋହଲି। ବ୍ୟକ୍ତିଗତ କାରଣ ପାଇଁ ବିରାଟ କୋହଲି ପ୍ରଥମ ୨ଟି ମ୍ୟାଚ୍ ଖେଳିବେ ନାହିଁ। ତେବେ ବିରାଟଙ୍କ ବଦଳ ଖେଳାଳି ଭାବେ ଦଳରେ କାହାକୁ ସ୍ଥାନ ମିଳିବ ତାହା ଉପରେ ଥିଲା ସମସ୍ତଙ୍କର ନଜର।

ପ୍ରଥମ ମ୍ୟାଚ୍ ପୂର୍ବରୁ ହିଁ ବିରାଟଙ୍କ ବଦଳ ଖେଳାଳିଙ୍କ ନାଁ ଘୋଷଣା କରିଛି ବିସିସିଆଇ। ବିରାଟଙ୍କ ବଦଳ ଖେଳାଳି ଭାବେ ରଜତ ପଟିଦାରଙ୍କୁ ଦଳରେ ସ୍ଥାନ ମିଳିଛି। ବିରାଟ କୋହଲିଙ୍କ ବଦଳ ଖେଳାଳି ଭାବେ ସରଫରାଜ ଖାନଙ୍କ ନାମ ମଧ୍ୟ ଏହି ଦୌଡ଼ରେ ରହିଛି। କିନ୍ତୁ ସରଫରାଜ ଖାନ ବର୍ତ୍ତମାନ ପର୍ଯ୍ୟନ୍ତ ଇଣ୍ଡିଆ ଏ' ସହିତ ଜଡିତ ରହିବେ। ରଜତ ମଧ୍ୟ ଦଳରେ ଯୋଗ ଦେଇଛନ୍ତି।

ମଧ୍ୟପ୍ରଦେଶର ଏହି ଯୁବ ଖେଳାଳି ଏବେ ଦମ୍‌ଦାର ଫର୍ମରେ ଘରୋଇ କ୍ରିକେଟ ସହ ବିଭିନ୍ନ ଅଭ୍ୟାସ ମ୍ୟାଚ୍‌ରେ ନିଜର ଦମ୍‌ଦାର ପ୍ରଦର୍ଶନ ଦେଖାଇ ସାରିଛନ୍ତି ରଜତ। ଏହାପୂର୍ବରୁ ରଜତ ପଟିଦାର ଦକ୍ଷିଣ ଆଫ୍ରିକା ବିପକ୍ଷରେ ଦିନିକିଆରେ ଡେବ୍ୟୁ କରିଥିଲେ। ଏବେ ଇଂଲଣ୍ଡ ବିପକ୍ଷରେ ମିଡ଼ିଲ ଅର୍ଡରରେ ରଜତ ପଟିଦାରଙ୍କୁ

ସୁଯୋଗ ମିଳିପାରେ।

ରଜତଙ୍କୁ ଦଳରେ ସୁଯୋଗ ମିଳିଥିବା ବେଳେ ଚେତେଶ୍ୱର ପୂଜାରା ଓ ଆଜିଙ୍କ୍ୟ ରାହାଣେଙ୍କୁ ପୁଣିଥରେ ସୁଯୋଗ ମିଳିନାହିଁ, ଯାହା ଦର୍ଶାଉଛି ବିସିସିଆଇ ଏବେ ଯୁବ କ୍ରିକେଟରଙ୍କ ସହ ଆଗକୁ ବଢିବାକୁ ଚାହୁଁଛି। ଗତ ରଣଜୀ ସିଜିନରେ ରଜତ ପଟିଦାର ୭ଟି ମ୍ୟାଚ୍‌ରୁ ୫୬୫ ରନ କରିଥିଲେ, ଯେଉଁଥିରେ ଗୋଟିଏ ଶତକ ଓ ୬ଟି ଅର୍ଦ୍ଧଶତକ ରହିଥିଲା।

ପୂର୍ବରୁ ବିରାଟ କୋହଲିଙ୍କ ସ୍ଥାନରେ ଚେତେଶ୍ୱର ପୂଜାରାଙ୍କୁ ଦଳରେ ସ୍ଥାନ ମିଳିବ ଚର୍ଚ୍ଚା ହେଉଥିଲା। ପୂଜାରା ରଣଜୀ ଟ୍ରଫିରେ ଉତ୍କୃଷ୍ଟ ଫର୍ମ ପ୍ରଦର୍ଶନ କରିଥିଲେ। ନିକଟରେ ଏକ ଶତକ ହାସଲ କରିବାରେ ବି ସେ ସଫଳ ହୋଇଛନ୍ତି। କିନ୍ତୁ ବର୍ତ୍ତମାନ ପୂଜାରା ପାଇଁ ଟିମ୍ ଇଣ୍ଡିଆର ଦ୍ୱାର ପ୍ରାୟ ବନ୍ଦ ହୋଇଯାଇଛି।

ଏହାସହ ଅଜିଙ୍କ୍ୟା ରାହାଣେ ରଣଜୀ ଟ୍ରଫିରେ ବି କିଛି କମାଲ କରିପାରିନାହାନ୍ତି। ତେଣୁ ତାଙ୍କ ପ୍ରତ୍ୟାବର୍ତ୍ତନ ହେବାର କୌଣସି ସମ୍ଭାବନା ନାହିଁ ବୋଲି ଜଣାପଡିଛି। ଇଂଲଣ୍ଡ ବିପକ୍ଷ ସିରିଜ୍ ପାଇଁ ଭାରତ କେବଳ ଶୁବମାନ ଗିଲ ଏବଂ ଶ୍ରେୟସ ଆୟରଙ୍କ ଭଳି ଯୁବ ଖେଳାଳିଙ୍କ ଉପରେ ଆତ୍ମବିଶ୍ୱାସ ପ୍ରକାଶ କରିଛି। ତଥାପି, ଯଦି ଏହି ଦୁଇ ଖେଳାଳି ଏହି ସିରିଜରେ ପ୍ରଦର୍ଶନ କରିବାକୁ ସକ୍ଷମ ନୁହଁନ୍ତି, ତେବେ ଦଳରେ ନିଜର ସ୍ଥାନ ବଜାୟ ରଖିବା ସେମାନଙ୍କ ପାଇଁ ବହୁତ କଷ୍ଟସାଧ୍ୟ ହେବ।

ବେଙ୍ଗାଲୁରୁ ଓ ଦିଲ୍ଲୀରେ ଆୟୋଜିତ ହେବ ମହିଳା ପ୍ରିମିୟର ଲିଗ୍-୨୦୨୪ : ବିସିସିଆଇ

ମୁମ୍ବାଇ

ମହିଳା ପ୍ରିମିୟର ଲିଗ୍ (ଡବ୍ଲୁପିଏଲ୍) ୨୦୨୪ ପାଇଁ କାର୍ଯ୍ୟସୂଚୀ ଘୋଷଣା କରିଛି ବିସିସିଆଇ। ୨୩ ଫେବୃଆରୀରୁ ୧୭ ମାର୍ଚ୍ଚ ପର୍ଯ୍ୟନ୍ତ ବେଙ୍ଗାଲୁରୁ ଏବଂ ଦିଲ୍ଲୀରେ ବହୁ ପ୍ରତୀକ୍ଷିତ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସଂସ୍କରଣ ଅନୁଷ୍ଠିତ ହେବ। ଏହି ରୋମାଞ୍ଚକର ଟି -୨୦ ଟୁର୍ଣ୍ଣାମେଣ୍ଟରେ ମୋଟ୍ ପାଞ୍ଚଟି ଦଳ ଅଂଶଗ୍ରହଣ କରିବାକୁ ଥିଲା ବେଳେ ୨୦ଟି ଲିଗ୍ ମ୍ୟାଚ୍ ଏବଂ ଦୁଇଟି ନକ୍‌ଆଉଟ୍ ମ୍ୟାଚ୍ ରହିବ, ଯାହା କ୍ରିକେଟ ପ୍ରଶଂସକ ମାନଙ୍କୁ ଖୁବ୍ ମନୋରଞ୍ଜନ ଆଣିଦେବ।

ତେବେ ଡବ୍ଲୁପିଏଲର ଆଗାମୀ ସିଜନ୍‌ରେ କେବଳ ସିଙ୍ଗିଲ ହେଡର ରହିବ, ସମସ୍ତ ମ୍ୟାଚ୍ ସନ୍ଧ୍ୟା ୭ଟା ୩୦ ମିନିଟରୁ ଆରମ୍ଭ ହେବ। ପ୍ରଥମ ୧୧ଟି ମ୍ୟାଚ୍ ବେଙ୍ଗାଲୁରୁରେ ଅନୁଷ୍ଠିତ ହେବ, ଅବଶିଷ୍ଟ ନଅଟି ଲିଗ୍ ମ୍ୟାଚ୍ ଏବଂ ଦୁଇଟି ପ୍ଲେ ଅଫ ମ୍ୟାଚ୍ ଦିଲ୍ଲୀରେ ଅନୁଷ୍ଠିତ ହେବ।

ପ୍ରଥମ ସିଜିନ୍‌ର ରନର୍ସଅପ୍ ଦିଲ୍ଲୀ କ୍ୟାପିଟାଲ ଏବଂ ଡିଫେଣ୍ଡିଂ ଚମ୍ପିଅନ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ମୁକାବିଲା ସହ ଲିଗ୍ ପର୍ଯ୍ୟାୟ ଆରମ୍ଭ ହେବ। ଉତ୍ସାହକୁ ଦ୍ୱିଗୁଣିତ କରିବା ନିଜ ହୋମ୍ ଗ୍ରାଉଣ୍ଡ ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ୨୪ ଫେବୃଆରୀରେ ପ୍ରଥମ ଥର ପାଇଁ ୟୁପି ୱାରିଅର୍ଜ ବିପକ୍ଷରେ ମୁହାଁମୁହିଁ ହେବ। ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ପରବର୍ତ୍ତୀ ସମୟରେ ମୁମ୍ବାଇ ଇଣ୍ଡିଆନ୍ସ ବିରୋଧରେ ଗୁଜୁରାଟ ଜାଏଣ୍ଟସ ଏହାର ୨୦୨୪ ଡବ୍ଲୁପିଏଲ ଅଭିଯାନ ଆରମ୍ଭ କରିବ। ଲିଗ୍ ପର୍ଯ୍ୟାୟ ଶେଷ ହେବା ପରେ, ପଏଣ୍ଟ ଟେବୁଲରେ ପ୍ରଥମରେ ଥିବା ଦଳ ଫାଇନାଲକୁ ସିଧାସଳଖ ପାସ ସୁରକ୍ଷିତ କରିବ। ଟେବୁଲରେ ଦ୍ୱିତୀୟ ଏବଂ ତୃତୀୟ ସ୍ଥାନିତ ଦଳ ମଧ୍ୟରେ ଏଲିମିନେଟର ମ୍ୟାଚ୍ ୧୫ ମାର୍ଚ୍ଚରେ ଖେଳାଯିବ। ଏଲିମିନେଟର ବିଜେତା ଫାଇନାଲକୁ ଉନ୍ନୀତ ହେବେ ଏବଂ ୧୭ ମାର୍ଚ୍ଚ ରବିବାର ଶୀର୍ଷ ମାନ୍ୟତା ଦଳ ବିପକ୍ଷରେ ସମ୍ମାନଜନକ ଟ୍ରଫି ଜିତିବା ପାଇଁ ଯୁଦ୍ଧ କରିବ।

ବେଦାନ୍ତ ଆଲୁମିନିୟମ ପକ୍ଷରୁ ୧୩୦ ନନ୍ଦଘର ଉଦ୍‌ଘାଟିତ

ଝାରସୁଗୁଡ଼ା, ନ୍ୟୁଜ୍‌ବ୍ୟୁରୋ

ବେଦାନ୍ତ ଆଲୁମିନିୟମ, ଭାରତର ସର୍ବବୃହତ୍ ଆଲୁମିନିୟମ ଉତ୍ପାଦକ ଏକ ସମାରୋହରେ ୧୩୦ଟି ନନ୍ଦଘରକୁ ଉଦ୍‌ଘାଟନ କରିଛି। ନନ୍ଦଘର ହେଉଛି ଆଧୁନିକ ଅଙ୍ଗନୱାଡିର ଏକ ନେଟୱର୍କ, ଯାହା ବେଦାନ୍ତ ଦ୍ୱାରା ସମର୍ଥିତ ମହିଳା ଓ ଶିଶୁ କଲ୍ୟାଣ ଉଦ୍ଦେଶ୍ୟରେ କାର୍ଯ୍ୟ କରିଥାଏ। ଏହି ଉଦ୍‌ଘାଟିତ ନନ୍ଦଘର ୧୨୭ଟି ଗାଁର ୭୦୦୦ରୁ ଅଧିକ ପିଲାଙ୍କ ଜୀବନରେ ପରିବର୍ତ୍ତନ ଆଣିବାକୁ ଯାଉଛି। ଝାରସୁଗୁଡ଼ାର ବିଧାୟକ ମିସ୍ ଦୀପାଳି ଦାସ, ପ୍ରବିର କୁମାର ନାୟକ, ପ୍ରକଳ୍ପ ନିର୍ଦ୍ଦେଶକ, ଡିଆରଡିଏ, ମିସ୍ ପୁଣ୍ୟବତୀ ହିନ ଖେସ୍, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଝାରସୁଗୁଡ଼ା ଓ ସୁନୀଲ ଗୁପ୍ତା, ସିଓଓ, ବେଦାନ୍ତ ଆଲୁମିନିୟମଙ୍କ ଉପସ୍ଥିତିରେ ଏହି ଉଦ୍‌ଘାଟନ କରାଯାଇଥିଲା।

୨୦୧୫ରେ ଆରମ୍ଭ ହୋଇଥିବା ନନ୍ଦଘର ହେଉଛି ବେଦାନ୍ତର ଫ୍ଲାଗସିପ୍ ଗୋଷ୍ଠୀ ପଦକ୍ଷେପ, ଅନୀଲ ଅଗ୍ରୱାଲ ଫାଉଣ୍ଡେସନ ଅଧିନରେ ଭାରତ ସରକାରଙ୍କ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟର ସହଯୋଗରେ ବିକଶିତ ହୋଇଛି। ୧ ବର୍ଷରୁ କମ୍ ବୟସର ପିଲାମାନଙ୍କ ପ୍ରାକ୍ ସ୍କୁଲ ପ୍ରସ୍ତୁତି, ପୁଷ୍ଟିକର ଖାଦ୍ୟ ଓ ଗର୍ଭବତୀ ତଥା ସ୍ତନ୍ୟପାନ କରାଉଥିବା ମହିଳାଙ୍କ ପାଇଁ ସ୍ୱାସ୍ଥ୍ୟ ଉପଯୋଗୀ ଖାଦ୍ୟ, ସ୍ୱାସ୍ଥ୍ୟସେବା ଉପରେ ନନ୍ଦଘର ଗୁଡ଼ିକ ଦ୍ୱାରା ଉପଯୁକ୍ତ ସଚେତନତା ପ୍ରଦାନ କରାଯାଇଥାଏ। ଏହି କାର୍ଯ୍ୟକ୍ରମକୁ ପ୍ରଶଂସା କରି ମିସ ଦୀପାଳି ଦାସ ଏମଏଲଏ, ଝାରସୁଗୁଡ଼ା କହିଛନ୍ତି ଯେ-ମୁଁ ବେଦାନ୍ତ ଓ ଅନିଲ ଅଗ୍ରୱାଲ ଫାଉଣ୍ଡେସନକୁ ଧନ୍ୟବାଦ ଦେବାକୁ ଚାହିଁବି ଯିଏକି ଆମ ସମାଜର ମହିଳା ଓ ଶିଶୁମାନଙ୍କ କଲ୍ୟାଣ ପାଇଁ ଏହି ପଦକ୍ଷେପ ଗ୍ରହଣ କରିଛନ୍ତି। ଆଉ ମଧ୍ୟ ଝାରସୁଗୁଡ଼ାରେ ଅତ୍ୟାଧୁନିକ ଡାଇଗ୍ନୋଷ୍ଟିକ ସେଣ୍ଟରକୁ ଲାଇକେରା ଓ ଝାରସୁଗୁଡ଼ାରେ ସ୍ଥାପନ କରିବାରେ ବେଦାନ୍ତର ପ୍ରୟାସକୁ ଧନ୍ୟବାଦ ଜଣାଉଛି। କମ୍ପାନୀର ତୃଣମୂଳ ସ୍ତରୀୟ ବିକାଶ ପ୍ରତିଶ୍ରୁତି ଉପରେ ମତ ଦେଇ ସୁନୀଲ ଗୁପ୍ତା, ସିଓଓ, ବେଦାନ୍ତ ଆଲୁମିନିୟମ କହିଥିଲେ ଯେ- ବେଦାନ୍ତର ନନ୍ଦଘର ପ୍ରକଳ୍ପ ଆମର ଅଧ୍ୟକ୍ଷ ଅନୀଲ ଅଗ୍ରୱାଲଙ୍କ ମହିଳା ଓ ଶିଶୁ କଲ୍ୟାଣ ଉଦ୍ଦେଶ୍ୟରେ ଏକ ମହତ ଚିନ୍ତାଧାରା। ଅତ୍ୟାଧୁନିକ ଭିତ୍ତିଭୂମି ଓ ଉପଯୁକ୍ତ ତାଲିମ ପ୍ରଦାନ କରି ଆମେ ଗ୍ରାମାଞ୍ଚଳରେ ମହିଳାମାନଙ୍କୁ ଏହି ସୁଯୋଗ ଦେଇପାରିଛୁ। ଏହା ଦ୍ୱାରା ଆମ ସମାଜର ମହିଳା ଓ ପିଲାମାନେ ଉପକୃତ ହୋଇପାରିବେ।

ଉଦ୍‌ଯାପିତ ହେଲା ମୟୂରଭଞ୍ଜ ଜିଲ୍ଲା ସ୍ତରୀୟ 'ନୂଆ-ଓ' କ୍ରୀଡ଼ା ପ୍ରତିଯୋଗିତା

ବାରିପଦା, ନ୍ୟୁଜ୍‌ବ୍ୟୁରୋ

ମୟୂରଭଞ୍ଜ ଜିଲ୍ଲା ସ୍ତରୀୟ 'ନୂଆ-ଓ' କ୍ରୀଡ଼ା ପ୍ରତିଯୋଗିତାର ଉଦ୍‌ଯାପନୀ ସମାରୋହ ରବିବାର ଦିନ, ସ୍ଥାନୀୟ ବାରିପଦା ଷ୍ଟାଡିଅମ ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିଷଦ,ମୟୂରଭଞ୍ଜ ଏବଂ ରାଜ୍ୟ କ୍ରୀଡ଼ା ବିଭାଗ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ଏହି ପ୍ରତିଯୋଗିତାରେ ଜିଲ୍ଲାର ୪ଟି ଉପଖଣ୍ଡର ସମସ୍ତ ପ୍ରତିଯୋଗୀମାନେ ଭାଗ ନେଇଥିବା ବେଳେ ବ୍ଲକ ପରେ ପରେ ଉପଖଣ୍ଡ ସ୍ତରରୁ ବିଜୟ ଲାଭ କରି ସାରି ଜିଲ୍ଲା ସ୍ତରରେ ପୁରସ୍କୃତ ହୋଇଥିଲେ। ଜିଲ୍ଲାରେ ଜାନୁଆରୀ ୧୭ ତାରିଖରୁ ୨୧ ତାରିଖ ଯାଏଁ ଉଭୟ

ମହିଳା ଓ ପୁରୁଷ ଦଳ ଫୁଟ୍‌ବଲ, କ୍ରିକେଟ, ଖୋଖୋ, ଭଲ୍ଲିବଲ, କବାଡି ଏବଂ ହକି କ୍ରୀଡ଼ାରେ ଭାଗ ନେଇ ୨୧ ତାରିଖ ଦିନ ଜିଲ୍ଲାପାଳ ବିନୀତ ଭରଦ୍ୱାଜଙ୍କ କରକମଳରେ ପୁରସ୍କୃତ ହୋଇଥିଲେ। ଏହି ୫ ଦିନ ବ୍ୟାପୀ ହୋଇଥିବା କ୍ରୀଡା ପ୍ରତିଯୋଗିତାର ଉଦ୍‌ଯାପନୀ ତଥା ପୁରସ୍କାର ବିତରଣ ଉତ୍ସବରେ ଜିଲ୍ଲା ପରିଷଦର ଅଧ୍ୟକ୍ଷ ଭାରତୀ ହାଁସଦା, ଜିଲ୍ଲା ପରିଷଦ ମୁଖ୍ୟ ଉତ୍ତୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରଜନୀକାନ୍ତ ସ୍ୱାଇଁଙ୍କ ସମେତ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ଅଭିମନ୍ୟୁ ବେହେରା, ଅତିରିକ୍ତ ଜିଲ୍ଲାପାଳ ରାଇରଙ୍ଗପୁର ଦୌଲତ ଚନ୍ଦ୍ରକାର ଉପସ୍ଥିତ ରହି କ୍ରୀଡ଼ା ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରି ଥିବା ବେଳେ ଜିଲ୍ଲା ଶିଶୁ ମଙ୍ଗଳ ଅଧିକାରିଣୀ ମମତାମୟୀ ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ ଓ ଜିଲ୍ଲା କ୍ରୀଡ଼ା ଅଧିକ

29 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୫ ଜାନୁଆରୀ ୨୦୨୪ ଗୁରୁବାର

ଏକ ବିରଳ ଅନୁଭୂତି ! ଅଯୋଧ୍ୟା ରାମଲାଲା ପ୍ରତିଷ୍ଠାନ ଦ୍ୱାରା ସ୍ୱତନ୍ତ୍ର ଭାବେ ଆମନ୍ତ୍ରିତ ହୋଇ ଅଯୋଧ୍ୟା ଯାଇଥିବା ଅବସରରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ସାଂସଦ ଡକ୍ଟର ଅଚ୍ୟୁତ ସାମନ୍ତ ଭାରତ ବର୍ଷର ଆଗଧାଡ଼ିର ଚଳଚ୍ଚିତ୍ର ତାରକାମାନଙ୍କ ଗହଣରେ କିଛି ସମୟ ବିତାଇଥିଲେ । ତାହା ତାଙ୍କ ଜୀବନର ଅନନ୍ୟ ତଥା ବିରଳ ଅନୁଭୂତି ବୋଲି ସେ ଉଲ୍ଲେଖ କରିଛନ୍ତି । ଏହି ଚଳଚ୍ଚିତ୍ର ତାରକାମାନଙ୍କ ମଧ୍ୟରେ ପ୍ରଥିତଯଶା ଅଭିନେତା ଅମିତାଭ ବଚ୍ଚନଙ୍କ ସମେତ ରଣବୀର କପୁର, ଜ୍ୟାକି ଶ୍ରାଫ୍, ବିବେକ ଓବରାୟ, ଆୟୁଷ୍ମାନ ଖୁରାନା, ନିର୍ଦ୍ଦେଶକ ରାଜକୁମାର ହିରାନୀ ଏବଂ ଅନ୍ୟ ଅଭିନେତ୍ରୀମାନଙ୍କ ସହ ତାତ୍ପର୍ଯ୍ୟପୂର୍ଣ୍ଣ ମୁହୂର୍ତ୍ତ ବିତାଇଥିଲେ । ଏହା ତାଙ୍କ ପାଇଁ ଏକ ଅମଳିନ ମୁହୂର୍ତ୍ତ ହୋଇ ରହିବ ବୋଲି ଡ. ସାମନ୍ତ ଉଲ୍ଲେଖ କରିଛନ୍ତି ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ଓଡ଼ିଆ ବିଶ୍ୱବିଦ୍ୟାଳୟର...

ଏକ ଗୌରବର ସମୟ, ଅସ୍ମିତାର ସମୟ । ଏହି ଅବସରରେ ବିଶ୍ୱ ବିଦ୍ୟାଳୟ କୁଳପତି, ପ୍ରାଧ୍ୟାପକ, ଓ ଛାତ୍ରଛାତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇ ମୁଖ୍ୟମନ୍ତ୍ରୀ କହିଲେ ଯେ ଆମ ସଂସ୍କୃତି, ଆମ ଜୀବନଧାରା, ଆମ ପରମ୍ପରାକୁ ଭିତ୍ତି କରି ଭଲ ଭଲ ସାହିତ୍ୟ ସୃଷ୍ଟିକୁ ପ୍ରୋତ୍ସାହନ ଦେବା ଦରକାର । ଏ ଦିଗରେ ଓଡିଆ ବିଶ୍ୱବିଦ୍ୟାଳୟ ନେତୃତ୍ୱ ନେବ ବୋଲି ସେ ଆଶା ପ୍ରକାଶ କରିଥିଲେ । ସତ୍ୟବାଦୀକୁ ଓଡିଆ ନବଜାଗରଣର ପୀଠ ଭାବେ ବର୍ଣ୍ଣନା କରି ସେ କହିଲେ ଯେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁଙ୍କ କର୍ମଭୂମି ହେଉଛି ସତ୍ୟବାଦୀ । ଏହି ଅବସରରେ ସେ ଆଦି କବି ସାରଳା ଦାସଙ୍କୁ ପ୍ରଣାମ ଜଣାଇବା ସହ ଓଡିଆ ଭାଷାର ସୁରକ୍ଷା ପାଇଁ ସଂଗ୍ରାମ କରିଥିବା ବରପୁତ୍ର ମାନଙ୍କୁ ସେ ତାଙ୍କର ସମ୍ମାନ ଜଣାଇ ଥିଲେ । ଓଡିଆ ଭାଷା ଓ ସାହିତ୍ୟକୁ ସମୃଦ୍ଧ କରିଥିବା ମହାରଥୀ ମାନଙ୍କ ପ୍ରତି ମଧ୍ୟ ତାଙ୍କର ସମ୍ମାନ ଜଣାଇ ଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଭାଷା ଗୋଟେ ଜାତିର ଅସ୍ମିତାର ପରିଚୟ । ଗୋଟେ ଜାତିର ମୁକୁଟ ହେଉଛି ତାର ଭାଷା । ଭାଷାର ବ୍ୟବହାର ବଢିଲେ ଏହା ସମୃଦ୍ଧ ହୋଇଥାଏ ଏବଂ ଜାତିର ଗୌରବ ବୃଦ୍ଧି କରିଥାଏ । ସେ ପୁଣି କହିଲେ ଯେ ଓଡିଶା ଦେଶର ପ୍ରଥମ ଭାଷାଭିତ୍ତିକ ରାଜ୍ୟ । ଓଡିଆ ଭାଷା ଏକ ପ୍ରାଚୀନ ଭାଷା,ଏହା ଶାସ୍ତ୍ରୀୟ ମାନ୍ୟତା ଲାଭ କରିଛି । ଓଡିଆ ଭାଷାରେ ଅନେକ ସମୃଦ୍ଧ ସାହିତ୍ୟ ସୃଷ୍ଟି ହୋଇଛି । ଆମ ସାହିତ୍ୟର ସାରା ବିଶ୍ୱରେ ପ୍ରଚୁର ପ୍ରସାର ପାଇଁ ଉଦ୍ୟମ କରାଯିବା ଦରକାର । ଆମ ଭାଷା ପ୍ରତି ଯୁବପିଢିଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି କରାଯିବା ଦରକାର । ସାମାଜିକ ଗଣମାଧ୍ୟମରେ ଓଡ଼ିଆ ଭାଷାର ବ୍ୟବହାର ବୃଦ୍ଧି କରାଯିବା ଦରକାର । ଏହା ସହିତ ଓଡିଆ ଭାଷା ଉପରେ ଅଧିକ ଗବେଷଣା କରାଯିବା ଦରକାର ବୋଲି ସେ କହିଥିଲେ । କାର୍ଯ୍ୟକ୍ରମରେ ଯୋଗ ଦେଇ ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ କହିଲେ ଯେ ଓଡିଆ ଭାଷା ଓ ଅସ୍ମିତାର ସୁରକ୍ଷା ପାଇଁ ଓଡିଆ ବିଶ୍ୱବିଦ୍ୟାଳୟ ହେଉଛି ମୁଖ୍ୟମନ୍ତ୍ରୀଙ୍କ ଏକ ବଡ ଅବଦାନ । ଓଡିଆ ବିଶ୍ୱବିଦ୍ୟାଳୟ ଯୋଗୁ ଓଡିଆ ଭାଷା ଓ ସାହିତ୍ୟକୁ ଭଲ ପାଉଥିବା ଦେଶ ବିଦେଶରେ ରହୁଥିବା ଓଡିଆ ମାନେ ଖୁବ ଉତ୍ସାହିତ ବୋଲି ସେ କହିଥିଲେ । ୫-ଟି ତଥା ନବୀନ ଓଡିଶା ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ, କୁଳପତି ପ୍ରଫେସର ସବିତା ପ୍ରଧାନ ପ୍ରମୁଖ ସେମାନଙ୍କ ଅଭିଭାଷଣ ଦେଇଥିଲେ । ଉଚ୍ଚଶିକ୍ଷା ସଚିବ ଅରବିନ୍ଦ ଅଗ୍ରୱାଲ ସ୍ୱାଗତ ଭାଷଣ ଦେଇଥିଲେ ଏବଂ କୁଳସଚିବ ରଶ୍ମୀରେଖା ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ସୂଚନା ଯୋଗ୍ୟ ଯେ ସତ୍ୟବାଦୀ ଠାରେ ୨୦୧୮ ଅକ୍ଟୋବର ୯ ତାରିଖରେ ମୁଖ୍ୟମନ୍ତ୍ରୀ ଓଡ଼ିଆ ବିଶ୍ୱବିଦ୍ୟାଳୟ ପାଇଁ ଶିଳାନ୍ୟାସ କରିଥିଲେ । ଆଜି ଏହାର ପ୍ରଥମ ପର୍ଯ୍ୟାୟ ଉଦ୍‌ଘାଟିତ ହୋଇଛି । ୯.୬୦ ଏକର ପରିମିତ ଅଞ୍ଚଳରେ ନିର୍ମିତ ଏହି ବିଶ୍ୱ ବିଦ୍ୟାଳୟକୁ ଅତ୍ୟାଧୁନିକ ସ୍ଥାପତ୍ୟ ଶୈଳୀ ଓ ଟେକ୍ନୋଲୋଜିରେ ନିର୍ମାଣ କରାଯାଇଛି । ପ୍ରଶାସନିକ ବିଲ୍ଡିଂରେ ସ୍ଥାପିତ ଓଡ଼ିଆ ବର୍ଣ୍ଣମାଳା ଅତୀବ ମନୋରମ ପରିଦୃଶ୍ୟ ହେଉଛି । ଏଥିରେ ସ୍କୁଲ ଅଫ ଲର୍ଣ୍ଣିଂ, ଗ୍ରନ୍ଥାଗାର, ହଷ୍ଟେଲ, ରାଧାକୁଣ୍ଡ ପୁଷ୍କରିଣୀ, କାଫେଟେରିଆ, ଫାଉଣ୍ଟେନ ଇତ୍ୟାଦି ରହିଛି । ଏ ସବୁ ନିର୍ମାଣ ଅତ୍ୟନ୍ତ ଚିତ୍ତାକର୍ଷକ ହୋଇଛି । ଏହା ସହିତ ମୁକ୍ତ ପରିବେଶରେ ପାଠ ପଢ଼ାର ବ୍ୟବସ୍ଥା ମଧ୍ୟ କରାଯାଇଛି ।

ଇଣ୍ଡିଆ ମେଣ୍ଟକୁ ...

ପାଖରେ କୌଣସି ଖବର ନାହିଁ କି ତାଙ୍କୁ କୌଣସି ଗୁରୁତ୍ୱ ଦିଆଯାଉନାହିଁ । ତେଣୁ ମେଣ୍ଟରେ ସେ ସମ୍ପୃକ୍ତ ଥାଇ ବି କିଛି ଲାଭ ନାହିଁ । ସେଥିପାଇଁ ସେ ଏଥିରୁ ଦୂରତା ରକ୍ଷା କରିବାକୁ ଚାହୁଁଛନ୍ତି । ଗତ କିଛି ଦିନ ଧରି ଟିଏମସି ଓ କଂଗ୍ରେସ ମଧ୍ୟରେ ଯେଉଁଭଳି ବିବାଦ ଚାଲିଥିଲା, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଦଳ ଟିଏମସି ଲୋକସଭା ନିର୍ବାଚନରେ ଏକଲା ଚଲୋ ରେ ନୀତି ଗ୍ରହଣ କରିବେ ବୋଲି ସଙ୍କେତ ମିଳିଥିଲା । ଏବେ ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ ପଶ୍ଚିମବଙ୍ଗର ସମସ୍ତ ୪୨ଟି ଆସନରେ ଏକାକୀ ଲୋକସଭା ନିର୍ବାଚନ ଲଢ଼ିବେ ବୋଲି ନିଶ୍ଚିତ ହୋଇଛି ।

ଘାଟିରୁ ଖସିଲା...

ଅପରେଟର ଥିଲେ । ଟ୍ରକଟି ଘାଟିରୁ ଓହ୍ଲାଇବା ବେଳେ ଶେଷ ବାଙ୍କରେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା । ଟ୍ରକର ଇଞ୍ଜିନ ରାସ୍ତା ଉପରେ ଥିବା ବେଳେ ଡାଲା ତଳକୁ ଖସି ପଡ଼ିଥିଲା । ଫଳରେ ଡାଲାରେ ଲାଇଟ ଓ ସାଉଣ୍ଡ ସରଞ୍ଜାମ ଥିବା ବଡ଼ ବଡ଼ ବାକ୍ସ ସବୁ ତଳକୁ ଖସି ଚୂରମାର ହୋଇ ଯାଇଥିଲା । ବାକ୍ସ ଉପରେ ବସିଥିବା ଲୋକେ ତଳେ ଚାପିହୋଇ ଯାଇଥିଲେ । ଖବର ପାଇ ପୁଲିସ ଓ ଦମକଳବାହିନୀ ଉଦ୍ଧାର କାର୍ଯ୍ୟ ଆରମ୍ଭ କଲା ବେଳକୁ ୪ ଜଣଙ୍କ ମୃତ୍ୟୁ ହୋଇ ସାରିଥିଲା । ଡାକ୍ତରଖାନରେ ଆଉ ୨ ଜଣଙ୍କ ମୃତ୍ୟୁ ଘଟିଥିଲା । ୬ ଜଣ ଗୁରୁତର ଆହତଙ୍କ ଚିକିତ୍ସା ଚାଲିଛି । ତେବେ ଆଉ ଜଣେ ଦୁଇଜଣ ଏବେ ବି ତଳେ ଚାପି ହୋଇ ରହିଥିବା ଅନୁମାନ କରାଯାଉଛି । କୋହଲା ପାଗ ଓ ଲଗାଣ ବର୍ଷା ଯୋଗୁ ଉଦ୍ଧାର କାର୍ଯ୍ୟରେ ବିଳମ୍ବ ହୋଇଛି । ପୁଲିସ ମୃତକଙ୍କ ପରିଚୟ ପାଇଁ ସଂପୃକ୍ତ ଯାତ୍ରା ପାର୍ଟି କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରୁଛି ।

ଆଜିର ପିଲାମାନେ...

ଏହି ପର୍ଯ୍ୟାୟ ସଂପୂର୍ଣ୍ଣ ହେବା ପରେ ରାଜ୍ୟରେ ସମୁଦାୟ ୮୬୭୭ଟି ସ୍କୁଲ ରୂପାନ୍ତରିତ ହେବ । ମୁଖ୍ୟମନ୍ତ୍ରୀ ପୁଣି କହିଲେ ଯେ ଏବେ ଓଡ଼ିଶାରେ ରୂପାନ୍ତରର ଯୁଗ ଚାଲିଛି । ଶିକ୍ଷା ହିଁ ଆମ ସମାଜର ସାମୂହିକ ଚିନ୍ତାଧାରକୁ ଉଚ୍ଚସ୍ତରକୁ ନେଇଥାଏ । ସ୍କୁଲ ରୂପାନ୍ତର ଓଡିଆ ଜାତିରେ ନୂଆ ଜାଗରଣର ମାର୍ଗ ପ୍ରଶସ୍ତ କରିଛି ବୋଲି ସେ କହିଥିଲେ । ସ୍କୁଲ କଲେଜ ଠାରୁ ଆରମ୍ଭ କରି ହସ୍ପିଟାଲ, ପର୍ଯ୍ୟଟନ କ୍ଷେତ୍ର, ମଠ ମନ୍ଦିର, ପଞ୍ଚାୟତ, ଗାଁ ସବୁଠାରେ ରୂପାନ୍ତର କାର୍ଯ୍ୟ ଚାଲିଛି । ଏକ ନୂଆ ଓଡିଶା, ସଶକ୍ତ ଓଡିଶା ଗଠନ ପାଇଁ ଏହି ରୂପାନ୍ତର ରାସ୍ତା ପ୍ରସ୍ତୁତ କରୁଛି । ମୁଖ୍ୟମନ୍ତ୍ରୀ ଆହୁରି କହିଲେ ଯେ ଏସବୁ ରୂପାନ୍ତର କାର୍ଯ୍ୟକ୍ରମ ମଧ୍ୟରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଓ ଶ୍ରେଷ୍ଠ ହେଉଛି ସ୍କୁଲ ରୂପାନ୍ତର କାର୍ଯ୍ୟକ୍ରମ । ସ୍କୁଲରୁ ହିଁ ଗୋଟିଏ ଜାତିର ଭବିଷ୍ୟତ ନିର୍ମାଣ ହୋଇଥାଏ । ପିଲାମାନଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ସେମାନଙ୍କୁ ୫-ଟିର ଗୁରୁତ୍ୱ ବୁଝାଇ ଥିଲେ । ସେ କହିଥିଲେ ଯେ ପିଲାମାନେ ନିଜ ଜୀବନରେ ଏହାକୁ ପ୍ରୟୋଗ କଲେ ନିଶ୍ଚୟ ସଫଳ ହେବେ । ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଥିଲେ ଯେ ୫-ଟି ଉପକ୍ରମରେ ଏହି ରୂପାନ୍ତର କାର୍ଯ୍ୟକ୍ରମରେ ତୁମ ସ୍କୁଲରେ ସ୍ମାର୍ଟ କ୍ଲାସ ରୁମ୍, କମ୍ପ୍ୟୁଟର, ଅତ୍ୟାଧୁନିକ ଲାବୋରେଟୋରୀର ବ୍ୟବସ୍ଥା କରାଯାଇଛି । ଏହା ହେଉଛି ଟେକ୍ନୋଲୋଜିର ପ୍ରୟୋଗ । ସେହିଭଳି ଟିମ୍‌ୱାର୍କ ଜରିଆରେ ସମସ୍ତେ ମିଳିମିଶି କାମ କରୁଛନ୍ତି । ସମସ୍ତଙ୍କ ସହ ଆଲୋଚନା କରି ସବୁ କାମ ସ୍ୱଚ୍ଛତାର ସହ କରାଯାଉଛି । ଏହିସବୁର ଉପଯୋଗରେ ତୁମ ସ୍କୁଲ ମାନଙ୍କରେ ଆସିଛି ରୂପାନ୍ତର । ଯାହାକୁ ତୁମେ ଏବେ ଦେଖୁଛ ଓ ଅନୁଭବ କରୁଛ । ପିଲାମାନଙ୍କ ଭବିଷ୍ୟତ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ସରକାରୀ ସ୍କୁଲର ପିଲାମାନଙ୍କ ପାଇଁ ମେଡିକାଲ ଓ ଇଂଜିନିୟରିଂ କଲେଜରେ ୧୫ ପ୍ରତିଶତ ସ୍ଥାନ ସଂରକ୍ଷଣ କରାଯାଇଛି । ସରକାରୀ ସ୍କୁଲ ମାନଙ୍କରେ ପିଲାମାନଙ୍କ ଶିକ୍ଷାଦାନ କ୍ଷେତ୍ରରେ ବହୁ ଉନ୍ନତି ଆସିଛି । ଏବେ ସରକାରୀ ସ୍କୁଲରେ ପାଠ ପଢିବା ପାଇଁ ପିଲା ଓ ଅଭିଭାବକଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହେଉଛି । ମୁଖ୍ୟମନ୍ତ୍ରୀ ପିଲାମାନଙ୍କୁ ଆହ୍ୱାନ ଦେଇ କହିଥିଲେ ଯେ ତୁମେମାନେ ତୁମ ଜୀବନରେ ୫-ଟି ନୀତିର ପ୍ରୟୋଗ କର, ଏହା ତୁମ ମାନଙ୍କ ପାଇଁ ସଫଳତା ଆଣିଦେବ । ତୁମେ ମାନେ ନୂଆ ନୂଆ ବୈଜ୍ଞାନିକ ଜ୍ଞାନକୌଶଳ ବିଷୟରେ ଜାଣିବାକୁ ଚେଷ୍ଟା କର । ମିଳିମିଶି କାମ କର । ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ କ୍ରୀଡା କ୍ଷେତ୍ରରେ ଟିମ ୱାର୍କର ବିଶେଷ ଭୂମିକା ରହିଛି । ସ୍ୱଚ୍ଛତା ଓ ସାଧୁତା ହେଉଛି ମଣିଷ ଜୀବନର ଶ୍ରେଷ୍ଠ ଗୁଣ । ଜୀବନର ସବୁ କ୍ଷେତ୍ରରେ ସାଧୁତା ଅବଲମ୍ବନ କରିବାକୁ ଚେଷ୍ଟା କର । ସମୟ ହେଉଛି ତୁମ ମାନଙ୍କ ପାଇଁ ସବୁଠାରୁ ମୂଲ୍ୟବାନ । ସମୟକୁ ନଷ୍ଟ ନ କରି ତାର ଉପଯୋଗ କର । ଏହି ଚାରୋଟି ନୀତିକୁ ଅନୁସରଣ କଲେ ଜୀବନରେ ସଫଳତା ହାସଲ କରି ରୂପାନ୍ତର ଆସିବ । କାର୍ଯ୍ୟକ୍ରମରେ ଯୋଗ ଦେଇ ୫-ଟି ତଥା ନବୀନ ଓଡିଶା ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ କହିଲେ ଯେ ରାଜ୍ୟର ଛାତ୍ରଛାତ୍ରୀମାନେ ନିଜର ଭବିଷ୍ୟତକୁ ନେଇ ଯେଉଁସବୁ ସ୍ୱପ୍ନ ଦେଖୁଛନ୍ତି, ତାକୁ ସାକାର କରିବା ପାଇଁ ମୁଖ୍ୟମନ୍ତ୍ରୀ ଏହି ରୂପାନ୍ତରିତ ସ୍କୁଲରେ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେଇଛନ୍ତି । ଶିକ୍ଷା କ୍ଷେତ୍ରରେ ଓ ଭବିଷ୍ୟତ ନିର୍ମାଣ ପାଇଁ ଏହା ସେମାନଙ୍କୁ ସଶକ୍ତ କରିବ । ଏଥିସହିତ ଆହୁରି ମଧ୍ୟ କହିଥିଲେ ଯେ ଏହି ରୂପାନ୍ତରିତ ସ୍କୁଲ ଗୁଡିକ ହେଉଛି ଆପଣମାନଙ୍କ ସମ୍ପତ୍ତି, ରାଜ୍ୟବାସୀଙ୍କ ସମ୍ପତ୍ତି । ଏହାର ଉପଯୁକ୍ତ ରକ୍ଷଣାବେକ୍ଷଣ ପ୍ରତି ସମସ୍ତେ ଦାୟିତ୍ୱବାନ ହେବାକୁ ସେ ପରାମର୍ଶ ଦେଇଥିଲେ । ଏହି ଅବସରରେ ୫-ଟି ସ୍କୁଲ ରୂପାନ୍ତର ସଂପର୍କରେ ବିଭିନ୍ନ ସ୍ଥାନରେ ଛାତ୍ରଛାତ୍ରୀମାନେ ସେମାନଙ୍କର ଅଭିଜ୍ଞତା ବର୍ଣ୍ଣନା କରିଥିଲେ । ଖୋର୍ଦ୍ଧା ଜିଲ୍ଲାର ନବମ ଶ୍ରେଣୀର ଛାତ୍ରୀ ଶୁଭଲକ୍ଷ୍ମୀ ଷଡ଼ଙ୍ଗୀ, ସୁବର୍ଣ୍ଣପୁରର ଦଶମ ଶ୍ରେଣୀ ଛାତ୍ରୀ ରୀମା ଦେହୁରୀ, ପୁରୀର ସପ୍ତମ ଶ୍ରେଣୀ ଛାତ୍ରୀ ବିଶ୍ୱରୂପା ମିଶ୍ର, ନୟାଗଡ଼ର ନବମ ଶ୍ରେଣୀ ଛାତ୍ରୀ ଶ୍ରୀୟା ମିଶ୍ର, ବୌଦ୍ଧର ନବମ ଶ୍ରେଣୀ ଛାତ୍ରୀ ଭାବନା ଧଳ ଏବଂ ନବରଙ୍ଗପୁରର ନବମ ଶ୍ରେଣୀ ଛାତ୍ରୀ ଅକ୍ଷରା ରାଣୀ କୋରକରା ପ୍ରମୁଖ ସେମାନଙ୍କ ମତାମତ ଦେଇ କହିଲେ ଯେ ୫-ଟି ଉପକ୍ରମ ଆମ ବିଦ୍ୟାଳୟର ସ୍ୱରୂପ ବଦଳାଇ ଦେଇଛି । ରୂପାନ୍ତରିତ ସ୍କୁଲର ସମସ୍ତ ସୁବିଧା ସୁଯୋଗ ଆମ ମନରେ ଆଣିଦେଉଛି ଗଭୀର ଆତ୍ମବିଶ୍ୱାସ । ଡାକ୍ତର, ଇଂଜିନିୟରିଂ ପାଠ୍ୟକ୍ରମରେ ୧୫ ପ୍ରତିଶତ ସ୍ଥାନ ସଂରକ୍ଷଣ ଆମ ପ୍ରତି ମୁଖ୍ୟମନ୍ତ୍ରୀଙ୍କର ଅମୂଲ୍ୟ ଉପହାର ବୋଲି ସେମାନେ କହିଥିଲେ । କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ପୁରୀରେ ଇଲୋକ୍ଟ୍ରୋନିକ୍ସ, ସୂଚନା ଓ ପ୍ରଯୁକ୍ତି, କ୍ରୀଡା ଓ ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା, ବୌଦ୍ଧରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ପ୍ରଦୀପ କୁମାର ଅମାତ, ନବରଙ୍ଗପୁରରେ ସାଂସଦ ରମେଶ ଚନ୍ଦ୍ର ମାଝୀ, ଖୋର୍ଦ୍ଧାରେ ବିଧାୟକ ସୁଶାନ୍ତ କୁମାର ରାଉତ ଏବଂ ନୟାଗଡରେ ବିଧାୟକ ରମେଶ ଚନ୍ଦ୍ର ବେହେରା ପ୍ରମୁଖ ଯୋଗ ଦେଇ କହିଲେ ଯେ ସରକାରୀ ସ୍କୁଲରେ ଘରୋଇ ଅତ୍ୟାଧୁନିକ ସ୍କୁଲର ସୁବିଧା ସୁଯୋଗ ଯୋଗାଇଦେଇ ଓଡିଶାର ଶିକ୍ଷା ବ୍ୟବସ୍ଥାକୁ ଭାରତବର୍ଷରେ ସ୍ୱତନ୍ତ୍ର ସ୍ଥାନ ଦେଇଛନ୍ତି ଆମ ପ୍ରିୟ ମୁଖ୍ୟମନ୍ତ୍ରୀ । ଶିକ୍ଷା ରୂପାନ୍ତରଣ କ୍ଷେତ୍ରରେ ଓଡିଶା ଆଜି ଉଦାହରଣ ହୋଇଛି । ଓଡିଶାର ପିଲାମାନେ ବଡ ହେବା ପାଇଁ, ଭଲ ମଣିଷ ହେବା ପାଇଁ ମୁଖ୍ୟମନ୍ତ୍ରୀ ସବୁ ବ୍ୟବସ୍ଥା କରିଛନ୍ତି । ଏହି କାର୍ଯ୍ୟକ୍ରମରେ ସ୍କୁଲ ଓ ଗଣଶିକ୍ଷା ବିଭାଗର କମିଶନର ତଥା ସଚିବ ଅଶ୍ୱଥୀ ଏସ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ଓସେପାର ସ୍ୱତନ୍ତ୍ର ପ୍ରୋଜେକ୍ଟ ଡାଇରେକ୍ଟର ଧନ୍ୟବାଦ ଅର୍ପଣ କରିଥିଲେ ଏବଂ ବିଭାଗୀୟ ଅନ୍ୟ ପଦାଧିକାରୀମାନେ ଉପସ୍ଥିତ ଥିଲେ ।

ମୁଖ୍ୟମନ୍ତ୍ରୀଙ୍କ ...

ଜଣାଇଛନ୍ତି । ଏହା ସହିତ ମୃତ ବ୍ୟକ୍ତିମାନଙ୍କ ନିକଟତମ ଆତ୍ମୀୟଙ୍କ ନିମନ୍ତେ ୩ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି । ଏହାସହିତ ଆହତ ବ୍ୟକ୍ତି ମାନଙ୍କ ପାଇଁ ଉପଯୁକ୍ତ ଚିକିତ୍ସା ବ୍ୟବସ୍ଥା କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ଏବଂ ସେମାନଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି ।

ଗୋପାଳପୁରରେ ହେବ...

ସଚିବ ପ୍ରଦୀପ କୁମାର ଜେନାଙ୍କ ଉପସ୍ଥିତିରେ ଆଇଏଚ୍‌ଆଇ କର୍ପୋରେସନର ସଭାପତି ତଥା ସିଇଓ ହିରୋଶୀ ଇଦେ ଏବଂ ଏହାର ସହଯୋଗୀ ସଂସ୍ଥା ଏସିଏମ୍‌ଲ କ୍ଲିନ ଏନର୍ଜି ଲିମିଟେଡର ଅଧ୍ୟକ୍ଷ ମନୋଜ ଉପାଧ୍ୟାୟ ଏମ୍‌ଓୟୁରେ ସ୍ୱାକ୍ଷର କରିଥିଲେ । ଉଭୟ କମ୍ପାନୀ ସବୁଜ ହାଇଡ୍ରୋଜେନ ଓ ଆମୋନିଆ ଉତ୍ପାଦନ ସହିତ ପରିଚାଳନା, ବିତରଣ ତଥା ଶକ୍ତି ଉତ୍ପାଦନ କରିବେ । ଓଡ଼ିଶାରେ ପ୍ରଥମଥର ପାଇଁ ଗୋପାଳପୁରରେ ଗ୍ରୀନ ହାଇଡ୍ରୋଜେନର ଏକକ ଉତ୍ପାଦନ କେନ୍ଦ୍ର ପ୍ରତିଷ୍ଠା ହେବାକୁ ଯାଉଛି । ଉଭୟ କମ୍ପାନୀର ମୁଖ୍ୟ ଶିଳ୍ପ ପ୍ରତିଷ୍ଠାରେ ସହଯୋଗ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ସାଧୁବାଦ ଜ୍ଞାପନ କରିବା ସହିତ ଦେଶର ଏହା ସର୍ବୋତ୍ତମ ଶିଳ୍ପୋନ୍ମୁଖୀ ରାଜ୍ୟ ହେବ ବୋଲି ପ୍ରକାଶ କରିଥିଲେ । ଭାରତକୁ ଗ୍ରୀନ ହାଇଡ୍ରୋଜେନ ଏବଂ ଗ୍ରୀନ ଆମୋନିଆ ସୁଲଭ ମୂଲ୍ୟରେ ଯୋଗାଇ ଦେବାରେ ଏହି ପ୍ରକଳ୍ପ ବେଶ ସହାୟକ ହେବ ବୋଲି କହିଥିଲେ । ଆଇଏଚ୍‌ଆଇ କର୍ପୋରେସନର ହିରୋଶୀ କହିଥିଲେ, ଓଡ଼ିଶାକୁ ଗ୍ରୀନ ହାଇଡ୍ରୋଜେନ ହବ୍‌ରେ ପରିଣତ କରିବା ପାଇଁ ଏଠାରେ ସବୁ ପ୍ରକାର ଭିତ୍ତିଭୂମି ଉପଲବ୍ଧ । ଓଡ଼ିଶାରେ ପାରମ୍ପରିକ ବିଦ୍ୟୁତ ପ୍ଲାଣ୍ଟଗୁଡ଼ିକୁ ସବୁଜ ଶକ୍ତି ପ୍ଲାଣ୍ଟରେ ପରିଣତ କରିବା ଲାଗି ଆମେ ସବୁ ପ୍ରକାର ସହଯୋଗ ପ୍ରଦାନ କରିବୁ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ । ସେହିପରି ଆବଶ୍ୟକତାକୁ ଦେଖି ଭାରୀ ଖଣିଜ ଏବଂ ନିର୍ମାଣ ଯନ୍ତ୍ରାଂଶ ଉତ୍ପାଦନ ଦିଗରେ ମଧ୍ୟ ଆଇଏଚ୍‌ଆଇ ପୁଞ୍ଜିନିବେଶ କରିବ ବୋଲି ସେ କହିଥିଲେ । ଆଲୋଚନା ଅବସରରେ ମୁଖ୍ୟ ଶାସନ ସଚିବ ଶ୍ରୀ ଜେନା କହିଥିଲେ, ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର ବିହିତ ପଦକ୍ଷେପ ନେଇଛନ୍ତି । ଓଡ଼ିଶାରେ ଅଧିକରୁ ଅଧିକ କମ୍ପାନୀ ପ୍ରତିଷ୍ଠା ସହିତ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ପାଇଁ ମୁଖ୍ୟମନ୍ତ୍ରୀ ଦେଇଥିବା ନିର୍ଦ୍ଦେଶକୁ ରାଜ୍ୟ ସରକାର ଅନୁପାଳନ କରୁଛନ୍ତି । ଓଡ଼ିଶା ସରକାରଙ୍କ ଶିଳ୍ପ ନୀତି-୨୦୨୨ ଅନୁସାରେ ରାଜ୍ୟକୁ ଏକ ଅଗ୍ରଣୀ ଶିଳ୍ପ କ୍ଷେତ୍ରରେ ପରିଣତ କରିବା ପାଇଁ ଉଦ୍ୟମ କରାଯାଉଛି । ଏହା ଓଡ଼ିଶାର ସାମାଜିକ ଓ ଅର୍ଥନୈତିକ ବିକାଶର ଏହା ଆଧାର ସାଜିବ । ଆଇପିଆର-୨୦୨୨ରେ ଗ୍ରୀନ ହାଇଡ୍ରୋଜେନ କ୍ଷେତ୍ର ପାଇଁ ବ୍ୟାପକ ପ୍ରୋତ୍ସାହନ ବ୍ୟବସ୍ଥା ରହିଛି ବୋଲି ଶ୍ରୀ ଜେନା ପ୍ରକାଶ କରିଥିଲେ

RNI Regd. No. : 52640/94 Postal Regd. No. : BN/60/22-24
ଭୁବନେଶ୍ୱର ୨୫ ଜାନୁଆରୀ ଗୁରୁବାର, ୨୦୨୪
ସମ୍ବାଦ କଳିକା

ଦିବ୍ୟ ମନ୍ଦିରର ଭବ୍ୟ ରୂପାନ୍ତରଣ

ମା' ସମଲେଶ୍ୱରୀଙ୍କ ମନ୍ଦିରରେ ହେବ ଐତିହାସିକ ଯଜ୍ଞ ଓ ଚଣ୍ଡୀପାଠ

ବିଶ୍ୱସ୍ତରୀୟ ପ୍ରକଳ୍ପ ରୂପେ ପ୍ରତିଷ୍ଠା ପାଇବାକୁ ଯାଉଛି

ପଶ୍ଚିମ ଓଡ଼ିଶାର ଆରାଧ୍ୟ ଦେବୀ

ମା' ସମଲେଶ୍ୱରୀ ହେଉଛନ୍ତି ପଶ୍ଚିମ ଓଡ଼ିଶାର ଆରାଧ୍ୟ ଦେବୀ। ଘରେ ଘରେ ମା'ଙ୍କୁ ପୂଜା କରାଯାଏ। କେବଳ ପଶ୍ଚିମ ଓଡ଼ିଶାରେ ନୁହେଁ ମା'ଙ୍କର ଅଗଣିତ ଭକ୍ତ ଓ ଶ୍ରଦ୍ଧାଳୁ ଦେଶ ବିଦେଶର କୋଣ ଅନୁକୋଣରେ ରହି ପୂଜାକରି ଆସୁଛନ୍ତି। ସେମାନେ ସମସ୍ତେ ମା'ଙ୍କ ସେବା, ପୂଜାରେ ଭକ୍ତିପୂତ ଭାବେ ସମର୍ପିତ। ଅନୁରୂପଭାବେ କରୁଣାମୟୀ, ଦୟାମୟୀ, ଦୁଃଖହାରିଣୀ ମା' ସମଲେଶ୍ୱରୀ ଠାକୁରାଣୀ ତା'ର ଭକ୍ତଗଣଙ୍କ ଶୁଭ-ମଙ୍ଗଳପାଇଁ ସର୍ବଦା ଆଶିଷ ବରଷି ଥାଆନ୍ତି। ଏହି ବିଶ୍ୱାସ ଓ ପରମ୍ପରା ଆଜି ବି ସମସ୍ତ ଶ୍ରଦ୍ଧାଳୁ ଭକ୍ତଙ୍କ ମନ ଓ ହୃଦୟରେ ବଞ୍ଚି ରହିଛି। ଏହା ହିଁ ଆମ ଧର୍ମୀୟ ଭାବନାର ମୂଳମନ୍ତ୍ର। ମା'ଙ୍କ ପ୍ରତି ଅଗାଧ ଭକ୍ତି ଓ ସମର୍ପଣ ଭାବ ହିଁ ଭକ୍ତର ମନୋବାଞ୍ଛା ପୂରଣ କରିଥାଏ। ଏହି ଦୃଷ୍ଟି କୋଣରୁ ବିଚାର କଲେ ପଶ୍ଚିମ ଓଡ଼ିଶାର ଆଧ୍ୟାତ୍ମିକ ଭାବାବେଗର ପ୍ରାଣକେନ୍ଦ୍ର ହେଉଛନ୍ତି ମା' ସମଲେଶ୍ୱରୀ। ସମଗ୍ର ବିଶ୍ୱରେ ଯେଉଁଠିବି ବସବାସ କରୁଥିଲେ ସୁଦ୍ଧା ପଶ୍ଚିମ ଓଡ଼ିଶା ବାସୀ ସଦାସର୍ବଦା ମା' ସମଲେଶ୍ୱରୀଙ୍କ ପ୍ରତି ନିଜ ଭକ୍ତି ଓ ଶ୍ରଦ୍ଧାଭାବ ଅର୍ପଣ କରିଥାନ୍ତି। ସେହିଭକ୍ତି ଓ ଶ୍ରଦ୍ଧା ହେଉଛି ଏହି ସମଲେଇ ପ୍ରକଳ୍ପର ମୂଳ ଉପାଦାନ ଓ ଆଧାର। ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ସେହି ଆଧାରକୁ ହିଁ ସଂକଳ୍ପ ରୂପେ ଗ୍ରହଣ କରିଥିଲେ ଏବଂ ୫-ଟି ଅଧ୍ୟକ୍ଷ ଶ୍ରୀ ଭି.କେ. ପାଣ୍ଡିଆନଙ୍କ ଅକ୍ଳାନ୍ତ ଉଦ୍ୟମ ବଳରେ ଏକ ବିଶ୍ୱସ୍ତରୀୟ ପ୍ରକଳ୍ପ ରୂପେ ପ୍ରତିଷ୍ଠା ପାଇବାକୁ ଯାଉଛି ମା' ସମଲେଶ୍ୱରୀଙ୍କ ଚରଣରେ ଅର୍ପିତ ସମଲେଇ ପ୍ରକଳ୍ପ।

ଆସନ୍ତା ୨୭ତାରିଖରୁ ଏହି ପ୍ରକଳ୍ପର ଲୋକାର୍ପଣ ଉତ୍ସବ ଉପଲକ୍ଷେ ହେବାକୁ ଯାଉଛି ଐତିହାସିକ ଯଜ୍ଞ ଓ ଚଣ୍ଡୀପାଠ। ପଶ୍ଚିମ ଓଡ଼ିଶାର ୧୧ଟି ଜିଲ୍ଲାରୁ ଯଜ୍ଞ ଓ ଚଣ୍ଡୀପାଠ ବିଷୟରେ ବିଶିଷ୍ଟ ଭାବେ ଯୋଗ୍ୟତା ହାସଲ କରିଥିବା ବ୍ରାହ୍ମଣମାନେ ଆସି ଏହି ଆଧ୍ୟାତ୍ମିକ କାର୍ଯ୍ୟର ଅନୁଷ୍ଠାନ କରିବେ। ମୁଖ୍ୟ ମଣ୍ଡପ ଓ ଅନ୍ୟ ୪ଟି ମଣ୍ଡପରେ ହୋମର ଅନୁଷ୍ଠାନ ହେବ। ମା'ଙ୍କ ଆରାଧନାରେ ସ୍ୱତନ୍ତ୍ର ଭାବେ ଚଣ୍ଡୀପାଠର ମଧ୍ୟ ଅନୁଷ୍ଠାନ ହେବ। ୩୧ତାରିଖ ଯଜ୍ଞର ପୂର୍ଣ୍ଣାହୁତି ପର୍ଯ୍ୟନ୍ତ ଓଡ଼ିଶା ପ୍ରଦେଶର ଉନ୍ନତି, ବିଶ୍ୱଶାନ୍ତି ଏବଂ ମାନବ ଜାତିର କଲ୍ୟାଣ ପାଇଁ ମା' ସମଲେଶ୍ୱରୀଙ୍କ ବିଶେଷ ଆରାଧନା ହେବ।

ଯଜ୍ଞ ଆରମ୍ଭର ପ୍ରଥମ ଦିବସରେ ଓଡ଼ିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀନବୀନ ପଟ୍ଟନାୟକ ଉପସ୍ଥିତ ରହି ମା' ସମଲେଶ୍ୱରୀଙ୍କ ଆଶୀର୍ବାଦ ନେଇ ସମଲେଇ ପ୍ରକଳ୍ପର ଲୋକାର୍ପଣ କରିବେ।

ମା'ଙ୍କର ସମସ୍ତ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କର ଭାବାବେଗକୁ ବିଶେଷ ଭାବେ ଧ୍ୟାନ ଦିଆଯାଇ ସମଗ୍ର ପଶ୍ଚିମ ଓଡିଶାର ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କଠୁ ସିନ୍ଦୁର ଓ ବୃନେରୀ ସଂଗୃହୀତ ହୋଇ ଗ୍ରାମଦେବତୀଙ୍କ ନିକଟରେ ରହିଛି ଯାହା ପରବର୍ତ୍ତୀ ସମୟରେ ମା'ଙ୍କ ନିକଟରେ ଅର୍ପଣ କରାଯିବ।

ଭକ୍ତମାନଙ୍କ ଭାବାବେଗକୁ ସମ୍ମାନ ଜଣାଇ ତାଙ୍କ ଭକ୍ତି ନୈବେଦ୍ୟକୁ ସିଧାସଳଖ ମା'ଙ୍କ ଠାରେ ଲାଗି କରେଇବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଶେଷ ଗୁରୁତ୍ୱ ଦେଇଛନ୍ତି।

ଏହି ଦିବ୍ୟ ଯଜ୍ଞ ଓ ଚଣ୍ଡୀପାଠ ମା' ସମଲେଇଙ୍କ ପ୍ରାଙ୍ଗଣରେ ଏକ ଅଦ୍ଭୁତ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିବ।

ମା' ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ ସଞ୍ଜୟ ବାବୁଙ୍କ ନେତୃତ୍ୱରେ ବିଭିନ୍ନ ସଦସ୍ୟ ଓ ମା'ଙ୍କ ପୂଜକମାନେ ବିଭିନ୍ନ ଅଞ୍ଚଳକୁ ଗସ୍ତକରି ଆସନ୍ତା ୨୭ ତାରିଖ ଦିନ ହେବାକୁ ଥିବା ସମଲେଇ ଲୋକାର୍ପଣ ଉତ୍ସବକୁ ନିମନ୍ତ୍ରଣ ଦେଇଛନ୍ତି। ଏହି ଦିନ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ସମାଗମ ହେବ।

ସମଲେଇ ପରି ଏକ ଯୁଗାନ୍ତକାରୀ ଯୋଜନା ମା' ସମଲେଶ୍ୱରୀଙ୍କ ମନ୍ଦିରକୁ ଏକ ଭବ୍ୟରୂପ ଦେବା ସହ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କୁ ଏକ ଦିବ୍ୟଅନୁଭବ ଦେବାରେ ସର୍ବୋତ୍କୃଷ୍ଟ ମାଧ୍ୟମ ହେବାକୁ ଯାଉଛି।

ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ସେହି ଐତିହାସିକ ନିଷ୍ପତ୍ତି ଓ ୫-ଟି ଅଧ୍ୟକ୍ଷ ଶ୍ରୀ ଭି.କେ. ପାଣ୍ଡିଆନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ପାଇଁ କୋଭିଡ-୧୯ ମହାମାରୀ ଝଡ଼ଝଞ୍ଝାର ସମ୍ମୁଖୀନ ହୋଇ ମଧ୍ୟ ଏକ ରେକର୍ଡ ସମୟ ମଧ୍ୟରେ କାର୍ଯ୍ୟ ଶେଷ ହୋଇ ସମଲେଇ ପ୍ରକଳ୍ପର ଲୋକାର୍ପଣ ହେବାକୁ ଯାଉଛି।

ମହାନଦୀ ଆରତୀର ଦିବ୍ୟ ଅନୁଭବ

ପ୍ରକୃତି, ସଂସ୍କୃତି ଓ ପ୍ରଗତି ଏହି ତିନୋଟି ଉପାଦାନର ସମନ୍ୱୟ ହେଉଛନ୍ତି ମା' ସମଲେଶ୍ୱରୀଙ୍କ ଆରାଧନାର ମୂଳଭିତ୍ତି। କିମ୍ବଦନ୍ତୀର ଅମର ଅକ୍ଷରରେ ଲିପିବଦ୍ଧ ମହାନଦୀ କୂଳେ ସମ୍ବୁତା ମାତା ସମଲେଶ୍ୱରୀଙ୍କ ସମ୍ବଲପୁର ସ୍ଥିତ ମନ୍ଦିର ନିକଟରେ ନିର୍ମିତ ହୋଇଛି ମହାନଦୀ ଆରତୀ ଘାଟ।

ପଶ୍ଚିମ ଓଡ଼ିଶାର ଜୀବନ ରେଖା ଭାବେ ମହାନଦୀ ବିଶେଷ ସ୍ଥାନ ପାଇଛି। କବି ଗଙ୍ଗାଧର ମେହେରଙ୍କ ଐତିହାସିକ କାବ୍ୟ ତପସ୍ୱିନୀରେ ମହାନଦୀ ସମ୍ବନ୍ଧୀୟ ସେହି ଅମର ପଦ ସର୍ବଜନାଦୃତ **'ଥାଉଗିରୀନ୍ଦ୍ର ସୁତା ସେ ବିଷ୍ଣୁ ପଦୀ, ତୋ ଦତ୍ତ ଉପାଧିରେ ମୁଁ ମହାନଦୀ'**।

ମହାନଦୀର ସେହି ପୁରାଣ ପ୍ରସିଦ୍ଧ ଅମ୍ଳାନ ବୈଶିଷ୍ଟ୍ୟତାକୁ ଅନୁଭବ କରି ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ମହାନଦୀ ଆରତୀ ପାଇଁ ଏକ ଘାଟ ନିର୍ମାଣର ନିଷ୍ପତ୍ତି ନେଇଥିଲେ। ଏଥି ପ୍ରତି ବିଶେଷ ଭାବେ ଗୁରୁତ୍ୱ ଦେଇ ୫-ଟି ଅଧ୍ୟକ୍ଷ ମହାନଦୀର ଆରତୀ ବ୍ୟବସ୍ଥା ପାଇଁ ସ୍ୱତନ୍ତ୍ର ଭାବେ ଚେଷ୍ଟିତ ରହି ଆସିଛନ୍ତି।

୨୭ ତାରିଖ ସନ୍ଧ୍ୟାରେ ୫-ଟି ଅଧ୍ୟକ୍ଷ ଶ୍ରୀ ଭି.କେ. ପାଣ୍ଡିଆନ ନିଜେ ଉପସ୍ଥିତ ରହି ମହାନଦୀ ଆରତୀ କରି ମା' ସମଲେଶ୍ୱରୀ ଓ ମହାନଦୀ ପ୍ରତି ନିଜ ଭକ୍ତି ନୈବେଦ୍ୟ ଅର୍ପଣ କରିବେ। ଆରତୀ ଦେଖିବା ପାଇଁ ନିର୍ମିତ ହୋଇଥିବା ସ୍ଥାନରେ ପ୍ରାୟ ୨ହଜାର ଲୋକ ଉପସ୍ଥିତ ରହି ମହାନଦୀ ଆରତୀର ଆଧ୍ୟାତ୍ମିକ ଅନୁଭବ ପ୍ରାପ୍ତ ହୋଇପାରିବେ।

ସଞ୍ଜୟ ବାବୁ (ମନ୍ଦିର ଟ୍ରଷ୍ଟ ବୋର୍ଡ)

ମା'ଙ୍କ ସେବା କରି ଜୀବନ ଧନ୍ୟ ହେବାର ଅନୁଭବ ମୁଁ ପାଉଛି। ମା'ମତେ ପ୍ରତିଟି ମୁହୂର୍ତ୍ତରେ ସମସ୍ତ କାର୍ଯ୍ୟ ପାଇଁ ପ୍ରେରିତ କରୁଛନ୍ତି। ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଯେଉଁ ପ୍ରକାର ପରିବର୍ତ୍ତନ ଏଠି ସମ୍ଭବ ହୋଇଛି ତାହା ମା' ସମଲେଶ୍ୱରୀଙ୍କ ପ୍ରତ୍ୟକ୍ଷ ଆଶୀର୍ବାଦ ନଥିଲେ କଳ୍ପନା ବି ସୁଦ୍ଧା କରି ହୋଇପାରିନଥାନ୍ତା। ୫-ଟି ଅଧ୍ୟକ୍ଷ ଶ୍ରୀଭିକେ ପାଣ୍ଡିଆନଙ୍କର ଅକ୍ଳାନ୍ତ ପରିଶ୍ରମ ଯୋଗୁଁ ଏହା ସମ୍ଭବ ହୋଇ ପାରୁଛି । ସମଲେଇ ପ୍ରକଳ୍ପ ଏକ ଆଧ୍ୟାତ୍ମିକ ବିସ୍ମୟର ପ୍ରତୀକ।



ଦୀପଘର

ଦେବୀ ଆରାଧନାରେ ଅଖଣ୍ଡ ଦୀପ ପ୍ରଜ୍ୱଳନର ପରମ୍ପରା ରହିଛି। କାହିଁ ଦୂରଦୂରାନ୍ତରୁ ଭକ୍ତମାନେ ଆସି ମା'ସମଲେଶ୍ୱରୀଙ୍କ ଠାରେ ଅଖଣ୍ଡ ଦୀପ ଜାଳିଥାନ୍ତି। ସମର୍ପିତ ମନରେ ମା'ଙ୍କୁ ଦୀପ ଅର୍ପଣ କଲେ ଭକ୍ତଙ୍କ ମନୋବାଞ୍ଛା ପୂରଣ ହୁଏ ବୋଲି ବିଶ୍ୱାସ ରହିଛି।

ପୂର୍ବରୁ ବର୍ଷା ଓ କୋହଲା ପାଗରେ ଏହି ଅଖଣ୍ଡଦୀପ ପ୍ରଜ୍ୱଳନ ପାଇଁ ଭକ୍ତମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ସେହି ସମସ୍ୟାର ପୂର୍ଣ୍ଣକାଳୀନ ସମାଧାନ ପାଇଁ ମା'ଙ୍କ ମନ୍ଦିରରେ ନିର୍ମିତ ଏହି ଦୀପଘରେ ଏକକାଳୀନ ୬,୦୦୦ ଦୀପ ପ୍ରଜ୍ୱଳିତ ହୋଇପାରିବ।

ମା'ଙ୍କ ଉଦ୍ଦେଶ୍ୟରେ ଅଖଣ୍ଡ ଦୀପଟିଏ ଜାଳି ଭକ୍ତମାନେ ଦେବୀ ଆରାଧନାରେ ଲୀନ ହୋଇପାରିବେ।

ଭକ୍ତଙ୍କ ମୁଖରୁ ପଦେ...

ସମଲେଇ ପ୍ରକଳ୍ପ ଚାଲୁଛେ ଠିକ୍ ଅଛେ ସୁନ୍ଦର ଦିଶବା ବଢିଆ ଲାଗବା କିଛି ଖରାପ ନୁହେଁ ସେ ଭଲ ଆଏ । ଲେକିନ ଚାରିଫାଲେ ଦେଖି କରି ବନାବାର କଥା ମୁଇଁ ପାସକେ ନି ଜାଇ, ସରକାର ଲୋକମାନକର କଥାକେ ଶୁନିକରି ତାକର ହିସାବେ ବନୋଉଛନ । ସବୁ ସରଲା ଉତାରୁ ଜନାପଡବା କେନଟା ଅଭାବ ରହେଲା କି ନରହେଲା ତାହା ଜାନିପାରମା । ବାହାରୁ ଯେନ ଲୋକ ମାନେ ଆଏସନ ତାକର ରହେବାର, ଖାଏବାର, ବସବାର ଉଠବାର ସୁବିଧା ହେବାରକଥା ସେଟା ମନ୍ଦିର ଦୁରେ ହେଉକି ପାଖେ । ସେଟା ଅଛେ କି ନିନ ମୁଇଁ ନିଜାନି । ମା'ର ଗୁଡି ପାଖେ ଜେନ ମାନେ ଆଶ୍ରା କରି ରହିଥିଲେ ତାକର ସୁବିଧା ହେବାର କଥା ।

ଭଗବାନ ସ୍ୱାଇଁ (୬୪ ବର୍ଷ), ବ୍ୟବସାୟୀ

ମୁଇଁ ଲୋକମାନକର ଘରଘୁରା ବନୁଛେ ଦେଖିଲାଗସି, ନୁଆଁ ଜିନିଷଟେ ବନୁଛେ ବହୁତ ଭଲ ଲାଗୁଛେ । ଚାଲୁ ହେଲ ଜନାପଡବା ବନବାରଟା ବହୁତ ବଢିଆ ବନିଛେ କାମ ତ ଚାଲିଛେ ଲୋକତ ଖୁସ୍ ଅଛନ ଜାହାଭି ହେଉ ସମ୍ବଲପୁରେ କିଛି ଭି ଗୁଟେ ଭଲ ହେଉଛେ ବଲିକରି । ଇହାଦେ କେହି ଭିତରକେ ଢୁକୁ ନୁହେ, ୨୭ ତାରିଖ ଖୁଲଲେ ଜନାପଡବା କାଣା ଭଲ ଅଛେ ଖରାବ ଅଛେ।

ଲୋକନାଥ ସାହୁ (୬୨ ବର୍ଷ), ଶ୍ରଦ୍ଧାଳୁ